ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୫ ଅଗଷ୍ଟ, ୨୦୨୩

## ଦ୍ରୁତଗାମୀ ଟ୍ରେନ୍ ପୁନଃ ରହଣି ପାଇଁ ଦାବିପତ୍ର

ନର୍ଲା,(ସନ୍ତୋଷ ପାତ୍ର): କଳାହାଣ୍ଡି ଜିଲା ନର୍ଲା ରୋଡ ଷ୍ଟେଶନରେ କୋଭିଡ୍ ପୂର୍ବରୁ ଅନେକ ଦ୍ରୁତଗାମୀ ଟ୍ରେନ୍ ରହୁଥିଲା। ସେ ସବୁ ଟ୍ରେନ୍ ବର୍ତ୍ତମାନ କୋଭିଡ କଟକଣା ହଟିବା ପରେ ମଧ ଉକ୍ତ ଟ୍ରେନ୍‌ଗୁଡିକ ନ ରହିବା ଯୋଗୁ ଅଞ୍ଚଳର ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଉକ୍ତ ଟ୍ରେନ୍‌ଗୁଡିକ ପୁନଃ ରହଣି ପାଇଁ ଗୁରୁବାର ନର୍ଲା ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତି ଦିପୁ ପାତ୍ରଙ୍କ ଆହ୍ୱାନକ୍ରମେ ଶତାଧିକ କର୍ମୀଙ୍କ ଉପସ୍ଥିତିରେ ନର୍ଲାରୋଡ ରେଳଷ୍ଟେଶନ ପର୍ଯ୍ୟନ୍ତ ଯାଇ ଷ୍ଟେଶନ ମାଷ୍ଟରଙ୍କ ଜରିଆରେ ସମ୍ବଲପୁର ଡିଆର୍‌ଏମଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।



## ସଂକ୍ଷେପରେ

### ତହସିଲଦାରଙ୍କୁ ଶିକ୍ଷକଙ୍କ ଦୁର୍ବ୍ୟବହାର ଅଭିଯୋଗ

କୋକସରା,୨୪।୮
(ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଗୋଷ୍ଠି ଶିକ୍ଷା ବିଭାଗ ଅଧୀନ ଆମପାଣି ପଞ୍ଚାୟତ ବିରିମୁହାଣ ଗ୍ରାମକୁ ଗୁରୁବାର କୋକସରା ତହସିଲଦାର ଦେବବ୍ରତ କରାଟି ସରକାରୀ କାର୍ଯ୍ୟରେ ଯାଇଥିବା ବେଳେ ବିରିମୁହାଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଧ ପରିଦର୍ଶନ କରିଥିଲେ। ସ୍କୁଲ ପ୍ରଧାନ ଶିକ୍ଷକ ଈଶ୍ୱରୀ ପ୍ରସାଦ ଅଗସ୍ତିଙ୍କ ସହ ସ୍କୁଲ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଫେରୁଥିବା ବେଳେ ପୂର୍ବରୁ ସେହି ସ୍କୁଲରେ ଶିକ୍ଷକ ଥିବା ବିରଞ୍ଚି ନାରାୟଣ ନାଏକ ଆସି ତହସିଲଦାରଙ୍କୁ ଦୁର୍ବ୍ୟବହାର କରିଥିଲେ। ଏ ନେଇ ତହସିଲଦାରଙ୍କୁ ପଚାରିବାରୁ ଶିକ୍ଷକ ମୋତେ ଦୁର୍ବ୍ୟବହାର କରିଛନ୍ତି ଓ ତାଙ୍କ ବିରୋଧରେ ଡିଇଓ ଓ ଜିଲାପାଳଙ୍କୁ ଅଭିଯୋଗ କରିବି ବୋଲି କହିଛନ୍ତି।

### ବିପଦସଙ୍କୁଳ ଗଛ କାଟିବା ପାଇଁ ଦାବି



ନୂଆପଡ଼ା,୨୪।୮(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡ ବସଷ୍ଟାଣ୍ଡ ପାଖ ଜାତୀୟ ରାଜପଥ କଡରେ ବିପଦସଙ୍କୁଳ ଅବସ୍ଥାରେ ରହିଛି ବହୁ ପୁରୁଣା ପାଖେଳ ଗଛ। ସେଠାରେ ଅଧିକ ଜନଗହଳି ଲାଗି ରହେ। ଗଛକୁ ଲାଗି ଛୋଟ ଛୋଟ ଦୋକାନ ମଧ୍ୟ ରହିଛି। କେତେବେଳେ ଗଛ ପଡିଯିବା ଆଶଙ୍କା ରହିଛି। ଗଛର ତଳ ଅଂଶ କାଠ ମାଟି ଲାଗି ନଷ୍ଟ ହୋଇ ଗଲାଣି। ବର୍ଷା ପବନ ହେଲେ ଗଛ ଦୋହଲୁଛି। ରାସ୍ତା କଡରେ ଗଛ ରହିଥିବାରୁ ଗଛ ଛାଇରେ ପଥିକମାନେ ବିଶ୍ରାମ ନେବା ସହ ଲୋକେ ଯାନବାହନ ରଖିଥାନ୍ତି । ଦୋକାନ ବଜାର ଆସିବା ଲୋକମାନେ ମଧ୍ୟ ଗଛ ମୂଳରେ ବସିଥାନ୍ତି। ଯାତ୍ରୀ ବିଶ୍ରାମାଗାର ନ ଥିବାରୁ ଲୋକେ ବାଧ୍ୟ ହୋଇ ଗଛମୂଳେ ଆଶ୍ରୟ ନେଉଛନ୍ତି। ଏହି ବିପଦସଙ୍କୁଳ ଗଛ ଲାଗି ୧୧ କେଭି ବିଦ୍ୟୁତ ତାର ଯାଇଛି। ଗଛ ପଡି ଗଲେ ବିଦ୍ୟୁତ ତାର ମଧ୍ୟ ଛିଣ୍ଡି ପଡିବ। ବିପଦ ନ ଆସିବା ପୂର୍ବରୁ ସତର୍କତାର ସହ ବନ ବିଭାଗ ହଉ ବା ପୂର୍ତ୍ତ ବିଭାଗ ଗଛ କାଟି ବାହାର କରି ଦେବା ପାଇଁ ସାଧାରଣରେ ଦାବି ହେଉଛି।

### କାଦୁଅ ପଚପଚ ଖୁଦପେଜ ଗାଁର ମୁଖ୍ୟ ରାସ୍ତା



ଖଡ଼ିଆଳ,୨୪।୮(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ବ୍ଲକ ଖୁଦପେଜ ଗାଁର ମୁଖ୍ୟ ରାସ୍ତା କାଦୁଅ ପଚପଚ ହୋଇପଡିଛି। ଏହି ରାସ୍ତା ଦେଇ ଯାତାୟାତ ପାଇଁ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ଲୋକଙ୍କ ମଧରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଗାଁରେ ପକ୍କା ରାସ୍ତା ସହ ଉଭୟ ପାର୍ଶ୍ୱରେ ଡ୍ରେନ ବ୍ୟବସ୍ଥା ହୋଇ ନ ଥିବାରୁ ସାମାନ୍ୟ ବର୍ଷା ହେଲେ ରାସ୍ତାରେ ଦୁର୍ଗନ୍ଧ ମଇଳା ପାଣି ପ୍ରବାହିତ ହେଉଛି। ରାସ୍ତାରେ ପ୍ରବାହିତ ହେଉଥିବା ମଇଳା ପାଣି ଦେଇ ଯାତାୟାତ କରି ଗ୍ରାମବାସୀ ବିଭିନ୍ନ କାଛୁକୁଣ୍ଡିଆ ରୋଗରେ ଆକ୍ରାନ୍ତ ହୋଇ ବହୁଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଁରେ ପକ୍କା ରାସ୍ତା ସହ ଉଭୟ ପାର୍ଶ୍ୱରେ ଡ୍ରେନ ନିର୍ମାଣ କରିବାକୁ ସ୍ଥାନୀୟ ସରପଞ୍ଚ ଓ ବିଡିଓଙ୍କୁ ଗ୍ରାମବାସୀ ବାରମ୍ବାର ଲିଖିତ ଜଣାଇ ଦାବି କରି ଆସୁଛନ୍ତି। ହେଲେ ସେମାନଙ୍କ ଦାବି ଏଯାଏ ପୂରଣ ହୋଇ ନ ଥିବାରୁ ଗ୍ରାମବାସୀଙ୍କ ମଧରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଖୁଦପେଜ ଗାଁ ବିପର୍ଯ୍ୟସ୍ତ ରାସ୍ତା ଓ ଡ୍ରେନ ବ୍ୟବସ୍ଥା ନେଇ ସ୍ଥାନୀୟ ସରପଞ୍ଚ ଯଶୋଦା ଶତପଥିଙ୍କୁ ଯୋଗାଯୋଗ କରିବାରୁ ଏହି ରାସ୍ତାକୁ ମୋ ଓଡିଶା ନବୀନ ଓଡିଶା ଯୋଜନାରେ ସାମିଲ କରାଯାଇଛି, ଖୁବଶୀଘ୍ର ରାସ୍ତା ଓ ଡ୍ରେନ ନିର୍ମାଣ କରାଯିବ ବୋଲି କହିଛନ୍ତି।

# ଯୋଗାଣ ସହାୟକ ସଂଘ ପକ୍ଷରୁ ୬ଦଫା ଦାବିପତ୍ର

ଲାଞ୍ଜିଗଡ଼/କୋକସରା,୨୪।୮
(ରମେଶ ଚନ୍ଦ୍ର ନାୟକ/ ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରେ ଓଡ଼ିଶା ରାଜ୍ୟ ଯୋଗାଣ ସହାୟକ ସଂଘ ଲାଞ୍ଜିଗଡ଼ ବ୍ଲକ ଶାଖା ପକ୍ଷରୁ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ୬ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ସରକାରଙ୍କ ନିର୍ଦ୍ଦେଶକ୍ରମେ ୨୦୧୩ରେ ୪ ହଜାର ୨ଶହ ୨୫ ଯୋଗାଣ ସହାୟକ ନିଯୁକ୍ତି ପାଇ ଲଗାତାର ଭାବେ କାର୍ଯ୍ୟକରି ଆସୁଥିଲେ ସୁଦ୍ଧା ସେମାନଙ୍କୁ କମ ଦରମା ଦିଆଯାଉଛି। ଏହାକୁ ନେଇ ସରକାରଙ୍କ ପାଖରେ ବାରମ୍ବାର ଦାବି କଲେ ମଧ ସରକାର କିଛି ପଦକ୍ଷେପ ନେଉ ନ ଥିବା ଯୋଗୁ ଗୁରୁବାର ଓଡ଼ିଶା ରାଜ୍ୟ ଯୋଗାଣ ସହାୟକ ସଂଘ ପକ୍ଷରୁ ପ୍ରତ୍ୟେକ ବ୍ଲକରେ ୬ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଲାଞ୍ଜିଗଡ଼ ବ୍ଲକ ଶାଖା ପକ୍ଷରୁ ବ୍ଲକ ସଭାପତି ରାଜେନ୍ଦ୍ର କୁମାର ମହାକୁଡ଼ଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କ ଅନୁପସ୍ଥିତିରେ ଏବିଡିଓ ବିଭୂତି ଭୂଷଣ ଶତପଥୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଯୋଗାଣ ସହାୟକଙ୍କ ଚାକିରି ସ୍ଥାୟି ଓ ମାସିକ ଦରମା ୨୫ ହଜାରକୁ ବୃଦ୍ଧି, କାର୍ଯ୍ୟରତ ଯୋଗାଣ ସହାୟକଙ୍କୁ ମୃତ୍ୟୁକାଳୀନ ସହାୟତା ରାଶି ପ୍ରଦାନ କରିବା ସହିତ ପରିବାର ବର୍ଗର ଜଣେ ସଦସ୍ୟଙ୍କୁ ଚାକିରି, ଇ-ପୋସ ଡିଭାଇସ ପରିଚାଳନାର ପ୍ରୋତ୍ସାହନ ରାଶି ଯୋଗାଣଙ୍କୁ ପ୍ରଦାନ କରିବା ପ୍ରମୁଖ ଦାବି ଉଲ୍ଲେଖ କରାଯାଇଛି। ସଂଘ ଉପଦେଷ୍ଟା ତାପସ ରଞ୍ଜନ ଦଲେଇ, ସମ୍ପାଦକ ନାରାୟଣ ପ୍ରସାଦ ନାଏକ, ସାଲେରି ରଞ୍ଜନ ମିଶ୍ର, କୁଳମଣି ବେହେରା, ମିଥୁନ ମହାକୁଡ, ପ୍ରତାପ ବିଭାର, ଦୁର୍ଗା ପ୍ରସାଦ ମାଝି, ଦେବରାଜ ହରିଜନ, ଗୁପ୍ତେଶ୍ୱର ପଧାନଙ୍କ ସମେତ ସମସ୍ତ ପଞ୍ଚାୟତ ଯୋଗାଣ ସହାୟକ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି କୋକସରା ବ୍ଲକ ଶାଖା ପକ୍ଷରୁ ବ୍ଲକ ସଭାପତି ଚନ୍ଦ୍ରମଣି ବେଶ୍ରାଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୋକସରା ବିଡିଓଙ୍କ ଅନୁପସ୍ଥିତି ଯୋଗୁ ମୁଖ୍ୟ କିରାଣି ଅଚ୍ୟୁତା ନନ୍ଦ ନାଗଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଯୋଗାଣ ସହାୟକ ସଂଘ ସମ୍ପାଦକ ବିକ୍ରମ ସାହୁ, ଟିକେଶ୍ୱର ବାଗ, ଦୟାନିଧି ଶବର, ନରେନ୍ଦ୍ର ବିଶି, କେଶବ ଛାତ୍ରିଆ, ଧର୍ମେନ୍ଦ୍ର ଦାସ, କୈଳାସ ସତନାମୀ, ହେଜମନ ନିଆଲ, ପରମାନନ୍ଦ ଧ.ମାଝି, ପ୍ରକାଶ ନାଗ, ଅଜିତ କୁମାର ଠାକୁର, ପ୍ରକାଶ ନାଗ, ବନିତା ଛୁରା, ଗୀତାଞ୍ଜଳି ବେମାଲ, ମିଳି ନିଆଲ ପ୍ରମୁଖ ଯୋଗାଣ ସହାୟକ ଉପସ୍ଥିତ ଥିଲେ। ଦାବି ପୂରଣ ପାଇଁ ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ ନ କଲେ ଆସନ୍ତା ୨୮ରୁ ସମୂହ ଛୁଟିରେ ରହି ଅସହଯୋଗ କରିବାକୁ ଚେତାବନୀ ଦିଆଯାଇଛି।



ଲାଞ୍ଜିଗଡ଼ ଏବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଦାବି ପୂରଣ ନ ହେଲେ ୨୮ରୁ ସମୂହ ଛୁଟିରେ ଯିବେ**

# ୩ ଦିନରେ ଦାବି ପୂରଣ ନ ହେଲେ ଆନ୍ଦୋଳନ

କେସିଙ୍ଗା,୨୪।୮(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଯୋଗାଣ ସହାୟକ ସଂଘ ପକ୍ଷରୁ ମୁଖ୍ୟ ଶାସନ ସଚିବ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଉଦ୍ଦେଶ୍ୟରେ ସ୍ଥାନୀୟ ବିଡ଼ିଓ ପ୍ରଫୁଲ୍ଲ କୁମାର ଅଦୁଙ୍କୁ ୬ଦଫା ଦାବି ସମ୍ବଳିତ ଦାବିପତ୍ର ଗୁରୁବାର ପ୍ରଦାନ କରାଯାଇଛି। ଆସନ୍ତା ୩ ଦିନ ଭିତରେ ଯଦି ଦାବି ପୂରାଣ କରା ନ ଗଲେ ଯୋଗାଣ ସହାୟକ ସଂଘ କେସିଙ୍ଗା ପକ୍ଷରୁ ଶାନ୍ତିପୂର୍ଣ୍ଣ ଭାବେ ଅନିର୍ଦ୍ଧିଷ୍ଟକାଳ ଯାଏ ଆନ୍ଦୋଳନ କରିବେ ବୋଲି ସଂଘ ସଭାପତି ଚମାରୁ ସୁନା ଓ ସମ୍ପାଦକ ଦୁର୍ଗା ପ୍ରସାଦ ମିଶ୍ର ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛନ୍ତି। କେସିଙ୍ଗା ବ୍ଲକର ୨୬ଟି ଗ୍ରାମପଞ୍ଚାୟତରେ ୨୧ଜଣ ଯୋଗାଣ ସହାୟକଙ୍କୁ ଓଡିଶା ସରକାର ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ବିଭାଗ ପତ୍ର ସଂଖ୍ୟା ୭୦୪୦/୨୧-୪-୨୦୧୨ ଅନୁସାରେ ନିଯୁକ୍ତି ଦିଆଯାଇଛି। ୨୦୧୩ରେ ଜିଲାପାଳଙ୍କ ଅନୁମୋଦନକ୍ରମେ ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ, କୋଭିଡ୍ ସମୟରେ ଘର ଯାଇ ସୂଚାରୁପେ ଚାଉଳ ବଣ୍ଟନ କରି ଆସୁଛନ୍ତି। ସ୍ନାତକ ଡିଗ୍ରୀଧାରୀଙ୍କୁ ସ୍ୱଳ୍ପ ବେତନ ଦିଆଯାଉଛି। ଯୋଗାଣ ସହାୟକଙ୍କ ଚାକିରି ସ୍ଥାୟୀ କରିବା ସହ ମାସିକ ୨୫ ହଜାର ବୃଦ୍ଧି କରିବା ସହ ୬ଦଫା ଦାବି ସମ୍ବଳିତ ଦାବିପତ୍ର ବିଡ଼ିଓଙ୍କୁ ପ୍ରଦାନ କରିଛନ୍ତି।



କେସିଙ୍ଗା ବିଡ଼ିଓଙ୍କୁ ୬ଦଫା ଦାବିପତ୍ର ପ୍ରଦାନ କରାଯାଉଛି।

**ଯୋଗାଣ ସହାୟକ ସଂଘର ଚେତାବନୀ**

# ଦୁର୍ନୀତି, ଭ୍ରଷ୍ଟାଚାର ବିରୋଧରେ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ

ନୂଆପଡ଼ା,୨୪।୮(ମକାରୁ ବେମାଲ)

ନୂଆପଡା ଜିଲାରେ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ଭାଜପା ପକ୍ଷରୁ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଗୁରୁବାର ଭାଜପା ବରିଷ୍ଠ ନେତା, ଚାଷୀ ଓ ଶ୍ରମିକ ନେତାମାନଙ୍କୁ ନେଇ ଭାଜପା ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ଚୁଲହାଭାଟ ଓ ମୋଟା ନୂଆପଡା ୨ଟି ପଞ୍ଚାୟତ ଶତାଧିକ କାର୍ଯ୍ୟକର୍ତ୍ତା ଓ ଜନସାଧାରଣ ଘେରାଉ କରି କରିଥିଲେ। ଆସନ୍ତା ୧୫ ଦିନ ମଧରେ ଦାବି ପୂରଣ ନ ହେଲେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବଞ୍ଚିତ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ ଓ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦେବା, ଭତ୍ତାରୁ ବଞ୍ଚିତ ବୃଦ୍ଧାବୃଦ୍ଧ, ବିଧବା, ଦିବ୍ୟାଙ୍ଗଙ୍କୁ ଭତ୍ତା ପ୍ରଦାନ, ୨୦୧୯ରୁ ୨୧ ପର୍ଯ୍ୟନ୍ତ କୃଷି ବୀମା ରାଶି ପ୍ରଦାନ ଆଦି ଦାବି ନେଇ ପଞ୍ଚାୟତ ଘେରାଉ କରାଯାଇଥିଲା। ଭାଜପା ଜିଲା ସାଧାରଣ ସମ୍ପାଦକ କମଲେଶ ଦୀକ୍ଷିତ ମୋଟା ନୂଆପଡା ପଞ୍ଚାୟତ ଘେରାଉ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଚୁଲାହାଭାଟ ପଞ୍ଚାୟତ ଘେରାଉ କୃଷକ ମୋର୍ଚ୍ଚା ଜିଲା ସଭାପତି ଗୋବର୍ଦ୍ଧନ ସାହୁ ପରିଚାଳନା କରିଥିଲେ। ରାଜକୁମାର ମାଝି, ଚମନ ମାଝି, ତେଜରାମ ଧରୁଆ, ଚନ୍ଦ୍ର କୁମାର ମାଝି, ଦେଓସିଂ ମାଝି, ସୁକେଶ ସାହୁ, ଚୋଖାର୍ମ କେଉଟ ପ୍ରମୁଖ ଓ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।




ପଞ୍ଚାୟତ ଘେରାଉ କରାଯାଇଛି।

# ଚନ୍ଦ୍ରୟାନ-୩ର ସଫଳତା ପାଇଁ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଶୁଭେଚ୍ଛା, କୃତଜ୍ଞତା



ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନିର୍ମିତ ପ୍ରତିକୃତି।

ନୂଆପଡ଼ା,୨୪।୮(ମକାରୁ ବେମାଲ)

ନୂଆପଡା ସଦର ବ୍ଲକ କୁଆବନ୍ଧା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ ଓ ବିଶିଷ୍ଟ ଶିକ୍ଷାବିତ ଶିବ ପ୍ରସାଦ ବେହେରା, ଶିକ୍ଷୟିତ୍ରୀ,ଶିକ୍ଷକମାନଙ୍କ ଉପସ୍ଥିତିରେ ଛାତ୍ରୀଛାତ୍ରମାନେ ଚନ୍ଦ୍ରୟାନ-୩ର ସଫଳ ଅବତରଣ ନିମନ୍ତେ ଭାରତୀୟ ବୈଜ୍ଞାନିକଙ୍କୁ ଏକ ପ୍ରତିକୃତି ନିର୍ମାଣ କରି ଶୁଭେଚ୍ଛା ଓ କୃତଜ୍ଞତା ଜଣାଇଛନ୍ତି। ଛାତ୍ରୀଛାତ୍ରଙ୍କ ଏହି ଉତ୍ସାହଭିତିକ କାର୍ଯ୍ୟକ୍ରମର ଆୟୋଜନରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସରସ୍ୱତୀ ଶବର, ଲଳିବାଇ ଶବର, ସମୀର ଭୋଇ,ରବି ଭୋଇ, ନନ୍ତା ମାଝି, ଛବିଳ ନିଆ ଓ କିଶୋର କୁମାର ପରିଡା ପ୍ରମୁଖ ସହଯୋଗ କରିବା ସହ ଦିଗଦର୍ଶନ କରିଥିଲେ।

## ବନ ସୁରକ୍ଷା ସମିତିର ସଭାଗୃହ ଉଦ୍‌ଘାଟିତ

ଖଡ଼ିଆଳ,୨୪।୮(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବନଖଣ୍ଡ ଅଧୀନ ବୋଡ଼େନ ସେକ୍ସନ ଅନ୍ତର୍ଗତ ପୁଟୁପଡାଠାରେ ବନସୁରକ୍ଷା ସମିତିରେ ଆମ ଜଙ୍ଗଲ ଯୋଜନା ମାଧମରେ ନିର୍ମାଣ ବନସୁରକ୍ଷା ସମିତି ସଭା ଗୃହ ଉଦ୍‌ଘାଟିତ ହୋଇଯାଇଛି। ଆମ ଜଙ୍ଗଲ ଯୋଜନା ଉପଦେଷ୍ଟା ନାରାୟଣ ପଟ୍ଟନାୟକ ଏବଂ ଆମ ଜଙ୍ଗଲ ଯୋଜନା ଏସ୍‌ଏମ୍‌ଏସ୍ ବଂଶୀଧର ସ୍ୱାଇଁ ସଭାଗୃହ ଉଦଘାଟନ କରିଥିଲେ। ବନସୁରକ୍ଷା ସମିତି ସଭାଗୃହରେ ଆମ ଜଙ୍ଗଲ ଯୋଜନା ଉପଦେଷ୍ଟାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପୁଟୁପଡା ବନସୁରକ୍ଷା ସମିତି ମାଧମରେ କରାଯାଇଥିବା ବନ ବିଭାଗର ବିଭିନ୍ନ ଜଙ୍ଗଲ ଉନ୍ନୟନ କାର୍ଯ୍ୟକ୍ରମ ବନ ସୁରକ୍ଷା ସମିତି ସଭାପତି ଦାନବ ଧାରୁଆଙ୍କ ଉପସ୍ଥିତିରେ ନିରୀକ୍ଷଣ କରିଥିଲେ। କାର୍ଯ୍ୟମରେ ମୁଖ୍ୟଅତିଥିଙ୍କ ସହ ଖଡ଼ିଆଳ ଏସିଏଫ୍ ଶିବ ପ୍ରସାଦ ରଥ, ଖଡ଼ିଆଳ ବନାଞ୍ଚଳ ଅଧିକାରିଣୀ ସଂଯୁକ୍ତା ବଡ଼ନାୟକ, ସିନାପାଲି ବନାଞ୍ଚଳ ଅଧିକାରୀ ମୁରାରୀ ପଣ୍ଡା, ପାର୍ଟନେର ଏନଜିଓ ଆଇଏଇଇଟି ନିର୍ଦ୍ଦେଶକ ଶ୍ରୀନିବାସ ପଟ୍ଟନାୟକ, ଆମ ଜଙ୍ଗଲ ଯୋଜନା କୋଅର୍ଡିନେଟର ଶ୍ରଦ୍ଧା ସୁଭଦର୍ଶନୀ ଜେନା, ଡିଇଓ ଦୀପକ ବେହେରା, ବୋଡ଼େନ ସେକ୍ସନ ବନପାଳ ଦୁର୍ଯ୍ୟୋଧନ ପ୍ରସାଦ ଦୀକ୍ଷିତ, ଖଡ଼ିଆଳ ସେକ୍ସନ ବନପାଳ କାନ୍ଦର୍ପ ସୁନାନି, କର୍ଲାକୋଟ ବନପାଳ ମହାଦେବ ବନ୍ଦିଛୋର, ବନରକ୍ଷୀ ପୁରୁଷୋତ୍ତମ ନାଗ, ବନରକ୍ଷୀ ଅଜୟ ବନ୍ଦୀଛୋର, ବନରକ୍ଷୀ ସର୍ଣ୍ଣଲତା ଶୁନାନୀ, ବନରକ୍ଷୀ ନନ୍ଦିନୀ ଶୁନାନୀ, ବନରକ୍ଷୀ ମୋନା ରାଉତ ଏବଂ ଆମ ଜଙ୍ଗଲ ଯୋଜନା ଟିମ ଲିଡର ସୌମ୍ୟ ରଞ୍ଜନ ଯୋଶୀ, ଡିଓ ମୋହନ ତାଣ୍ଡି, ଡିଓ ମଲ୍ଲୀକାର୍ଜୁନ ମଲ୍ଲିକ, ଡିଓ ରଜତ ନାୟକ ତଥା ବନସୁରକ୍ଷା ସମିତିର ସଦସ୍ୟମାନେ ଉପସ୍ଥିତ ରହିଥିଲେ।

# ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ରୋଡ୍ ଶୋ', ପଥପ୍ରାନ୍ତ ନାଟକ



ଭବାନୀପାଟଣା ସହରରେ ଅନୁଷ୍ଠିତ ରୋଡ୍ ଶୋ'।

ଭବାନୀପାଟଣା,୨୪।୮
(ଉତ୍ତମ କୁମାର ଦାଶ)

**ଚନ୍ଦ୍ରୟାନ-୩ର ସଫଳ ଅବତରଣ**

ମହାକାଶ ଇତିହାସରେ ଭାରତର ଚନ୍ଦ୍ରୟାନ-୩ ଚନ୍ଦ୍ରପୃଷ୍ଠର ଦକ୍ଷିଣ ମେରୁରେ ସୂକ୍ଷ୍ମ ଅବତରଣ କରି ଅକଳ୍ପନୀୟ ଗୌରବ ଆଣିଛି। ଏହି ମୁହୂର୍ତ୍ତ ସମଗ୍ର ଭାରତବର୍ଷ ପାଇଁ ଗର୍ବ ଓ ଗୌରବର ମୁହୂର୍ତ୍ତ। ଏହି ସ୍ୱର୍ଣ୍ଣିମ ଇତିହାସ ରଚନାରେ ଭାଗୀଦାର ହୋଇ ଭବାନୀପାଟଣାସ୍ଥିତ ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଗୁରୁବାର ଭବାନୀପାଟଣା ସହରରେ ରୋଡ଼ ଶୋ' ଓ ପଥପ୍ରାନ୍ତ ନାଟକ ଆୟୋଜନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ଡି.ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଶ ଡି.ରାମ କୁମାର, ଏକାଡେମୀକ ଇନ୍‌ଚାର୍ଜ ଡି. ବିଜୟା, ପରିଚାଳନା କମିଟି ସଦସ୍ୟା ଡି.ପଦ୍ମିନୀ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ସୁଶ୍ରୀ ଆରତୀ ମିଶ୍ର, ବିଏବିସିଏ ବିଭାଗ ଅଧ୍ୟକ୍ଷ ଡ଼ ସୁଦୀପ୍ତ କୁମାର ଜେନା, ବିକାଶ ନର୍ସିଂ କଲେଜ ଅଧ୍ୟକ୍ଷା କେ.ଜୟଶ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ରୋଡ଼ ଶୋ' ଭବାନୀପାଟଣା ପୁରାତନ କୋର୍ଟ ପରିସରରୁ ଆରମ୍ଭ ହୋଇ ଘୋଡାଘାଟ୍ ଛକ ମଧ ଦେଇ ଗାନ୍ଧୀ ଛକ ନିକଟରେ ପହଞ୍ଚିଥିଲା। କାର୍ଯ୍ୟକ୍ରମରେ ସାହିତ୍ୟିକ ସତ୍ୟ ନାରାୟଣ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଚନ୍ଦ୍ରୟାନ -୩ର ନିର୍ମାଣ କୌଶଳ ଓ ଦେଶ ଗଠନରେ ଛାତ୍ରୀଛାତ୍ରଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ଦେଶଭକ୍ତି ମୂଳକ ନୃତ୍ୟ ଓ ଚନ୍ଦ୍ରୟାନ୍-୩ର ସଫଳତା ଉପରେ ଆଧାରିତ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ବିକାଶ ବିବିଏ, ବିସିଏ ବିଭାଗ ଅଧ୍ୟକ୍ଷ ଡ ସୁଦୀପ୍ତ କୁମାର ଜେନା ଧନ୍ୟବାଦ୍ ଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀଙ୍କ ସହଯୋଗ ରହିଥିଲା। ରୋଡ଼ ଶୋ'କୁ ଭବାନୀପାଟଣାର ନାଗରିକ ସ୍ୱତଃପୂର୍ତ୍ତ ଭାବେ ସମର୍ଥନ ଜଣାଇ ଉତ୍ସାହର ସହିତ ସାମିଲ ହୋଇଥିଲେ।

# ଡକାୟତିରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ମୃତ୍ୟୁ ନେଇ ଥାନା ସମ୍ମୁଖରେ ଧାରଣା

କୋକସରା,୨୪।୮
(ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ଓଲମା ଡକାୟତି ଘଟଣାରେ ସମ୍ପୃକ୍ତ ଥିବା ଗୁରୁତର ଅଭିଯୁକ୍ତ ଗମ୍ଭାରୀଗୁଡା ଗ୍ରାମର ରୂପେଶ ନାଏକ ବୁର୍ଲା ମେଡ଼ିକାଲ ସ୍ଥାନାନ୍ତର ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଗୁରୁବାର ସକାଳେ ପରିବାର ଲୋକଙ୍କ ପକ୍ଷରୁ କୋକସରା ଥାନା ସମ୍ମୁଖରେ ଡକାୟତି ହୋଇଥିବା ଓଲମା ଗ୍ରାମର ଧନଞ୍ଜୟ ସାହୁଙ୍କ ପରିବାରକୁ ଗିରଫ କରିବା ଦାବିରେ ଧାରଣା ଦେଇଥିଲେ। ପୋଲିସ ପକ୍ଷରୁ କେଶ ରୁଜୁ କରାଯାଇଛି। କାର୍ଯ୍ୟାନୁଷ୍ଠାନ ନିଆଯିବା ନେଇ ପ୍ରତିଶ୍ରୁତି ପରେ ମଧ ମୃତଦେହ ନେବାକୁ ରାଜି ହୋଇ ନ ଥିଲେ ପରିବାର ସଦସ୍ୟ। ଘଟଣାସ୍ଥଳରେ ଦୀର୍ଘ ସମୟ ଧରି ଉତ୍ତେଜନା ଲାଗି ରହିଥିଲା। ଉପଖଣ୍ଡ ପୋଲିସ ଅଧିକାରୀ ବୁଝାଶୁଝା କରିବା ପରେ ମୃତଦେହ ନେଇ ଗାଁକୁ ଯାଇଥିଲେ ପରିବାର ଓ ଗ୍ରାମବାସୀ। ସୂଚନାମତେ ଗତ ରବିବାର ଓଲମା ଗ୍ରାମରେ ଡକାୟତି ଘଟଣାରେ ଫେରାର ସମୟରେ ବାଡ଼ଡେଇଁ ଯାଉଥିବା ବେଳେ ଗୋଡ଼ ଭାଙ୍ଗି ଯିବାରୁ ଗ୍ରାମବାସୀ ଗମ୍ଭାରୀଗୁଡା ଗାଁର ରୁପେଶ ନାଏକଙ୍କୁ କାବୁ କରି ପୋଲିସରେ ଜିମା ଦେଇଥିଲେ। ରୁପେଶଙ୍କ ଅବସ୍ଥା ଗୁରୁତର ହେବାରୁ ବୁର୍ଲା ମେଡ଼ିକାଲକୁ ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ଆସିବା ପରେ ପରିବାର ଲୋକେ ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ଘଟଣାସ୍ଥଳରେ ଧର୍ମଗଡ଼ ଏସଡିପିଓଙ୍କ ନେତୃତ୍ୱରେ କୋକସରା, ଆମପାଣି, କଲମପୁର ଥାନାଧିକାରୀ, ଆଇଆରବି ପୋଲିସ ଫୋର୍ସ ମୁତୟନ ଥିଲେ। ଡକାୟତି ଘଟଣାରେ ବୁଧବାର ଅନ୍ୟ ୪ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୋଲିସର ତଦନ୍ତ ଜାରି ରହିଥିବା ନେଇ ଏସଡିପିଓ ଧିରଜ କୁମାର ଚୋପଦାର ସୂଚନା ଦେଇଛନ୍ତି।

# ସିଭିଲ ଇଞ୍ଜିନିୟରରୁ ସଫଳ ଚାଷୀ

ଭବାନୀପାଟଣା,୨୪।୮
(ଉତ୍ତମ କୁମାର ଦାଶ)

ଦିନେ ସେ ପୁନେରେ ସିଭିଲ ଇଞ୍ଜିନିୟର ଭାବେ ଏକ ବେସରକାରୀ କମ୍ପାନୀରେ କାମ କରି ମୋଟା ଅଙ୍କର ଦରମା ପାଉଥିଲେ। ହେଲେ ଲକ୍‌ଡାଉନରେ ଘରକୁ ଚାଲି ଆସି ସମନ୍ୱିତ ଚାଷ ପ୍ରଣାଳୀ ପ୍ରତି ଆକର୍ଷିତ ହୋଇଥିଲେ। ଫଳରେ ସେ ଚାକିରି ଛାଡି ବିନିଯାଇଥିଲେ ଜଣେ ସଫଳ ଚାଷୀ। ବର୍ତ୍ତମାନ ସେ ନିଜ ୨୨ ଏକର ସ୍ଥାନରେ ବିଭିନ୍ନ ପ୍ରକାରର ସମନ୍ୱିତ ପ୍ରଣାଳୀର ଚାଷ କରି ଜିଲାରେ ଚର୍ଚ୍ଚାକୁ ଆସିଛନ୍ତି। ଏପରିକି କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମଧ ତାଙ୍କ ଫାର୍ମ ପରିଦର୍ଶନରେ ଆସିବା ସହ ଆଗକୁ ବଢ଼ିବା ପାଇଁ ଉତ୍ସାହିତ କରିଥିଲେ। ଏହି ଯୁବ ଚାଷୀ ଜଣକ ହେଉଛନ୍ତି କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ବୋର୍ଡି ଗ୍ରାମର ମନ୍ମଥ ସାହୁ। ପୁନେରେ ୩ ବର୍ଷ ସିଭିଲ ଇଞ୍ଜିନିୟର ଭାବେ ଚାକିରି କରିବା ପରେ ଗତ ଲକ୍‌ଡାଉନରେ ସେ ଘରକୁ ଚାଲିଆସିଥିଲେ। ଘରେ ଥିବା ସମୟରେ ସେ ସମନ୍ୱିତ ଚାଷ ପ୍ରଣାଳୀ ପ୍ରତି ଆକୃଷ୍ଟ ହୋଇଥିଲେ। ପରେ ମନ୍ମଥ ଜୁନାଗଡ ବ୍ଲକ ଦୁନ୍ଦେଲମାଲ ପଞ୍ଚାୟତ ଜଙ୍ଗଲ ନିକଟରେ ଥିବା ସିନାଖୁଣ୍ଟି ଗ୍ରାମରେ ୨୨ ଏକର ଜମି ନିଜ ସାଙ୍ଗରୁ କିଣିଥିଲେ। ଏହି ଜମି କ୍ରୟ ପାଇଁ ସେ ଚାକିରିରେ ସଞ୍ଚିଥିବା ଟଙ୍କା ଓ ନିଜ ଗାଁ ବୋର୍ଡିରେ ଥିବା ଜମି ବିକ୍ରି କରିଥିଲେ। ସମନ୍ୱିତ ପ୍ରଣାଳୀର ଚାଷ କରିବା ପାଇଁ ସେ ବୋର୍ଡିରୁ ନିଜ ପରିବାର ସହିତ ଚାଲିଆସିଥିଲେ ସିନାଖୁଣ୍ଟିକୁ। ଏବେ ସେ ତାଙ୍କ ଫାର୍ମରେ ବାଇଗଣ, ପାତଳଘଣ୍ଟା, କଲରା, ବୋରବୋଟି, ମରିଚ, ଭେଣ୍ଡି ଆଦି ପନିପରିବା ଚାଷ କରିଥିବାବେଳେ ଶସ୍ୟ ଜାତୀୟ ଫସଲରେ ଧାନ ଓ କପା, ଡାଲି ଜାତୀୟ ଫସଲରେ କାନ୍ଦୁଲ ଓ ବିରି ଚାଷ କରିଛନ୍ତି। ସେହିପରି ମାଛ, ଛେଳି, କୁକୁଡା ଚାଷ ମଧ୍ୟ ତାଙ୍କ ଫାର୍ମରେ କରିଛନ୍ତି। ଏବେ ତାଙ୍କ ଫାର୍ମରେ ୧୨୦ଟି ଦେଶୀ ଛେଳି ଓ ୩ଶହଟି ଦେଶୀ କୁକୁଡା ରହିଛି। ଏହାସହ ମୁଢି ଲିଆ ପାଇଁ ସେ ଏକ କାରଖାନା ମଧ ନିର୍ମାଣ କରିଛନ୍ତି। ଯେଉଁଥିରେ କି ସୁନ୍ଦର ଓ ଉତ୍ତମ ମାନର ମୁଢି ଲିଆ ମଧ ବାହାରୁଛି। ଚାଷ କାମରେ ପରିବାର ଲୋକ ତାଙ୍କୁ ସହଯୋଗ କରୁଥିବାବେଳେ ଗ୍ରାମର ୧୫ଜଣ ଯୁବକ ଓ ମହିଳାଙ୍କୁ ମଧ ଏହାର ଦେଖାଶୁଣା କରିବା ରଖି ରୋଜଗାର ଦେଇଛନ୍ତି। ତାଙ୍କ ଏହି ସଫଳ ଚାଷ କାମ ବିଷୟରେ ଖବର ପାଇ ଗତ ୧୭ ତାରିଖରେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମନ୍ମଥଙ୍କ ଫାର୍ମ ବୁଲି ଦେଖିବା ସହ ଆଗକୁ ବଢିବା ପାଇଁ ଉତ୍ସାହିତ କରିଥିଲେ।



ମନ୍ମଥ ନିଜ ଫାର୍ମରେ ଥିବା ଚାଷର ତଦାରଖ କରୁଛନ୍ତି।

- ସମନ୍ୱିତ ଚାଷ ଦେଲା ନୂଆ ପରିଚୟ
- ୧୫ ଲୋକଙ୍କୁ ଦେଉଛନ୍ତି ରୋଜଗାର
- ଫାର୍ମରେ ୧୨୦ ଦେଶୀ ଛେଳି, ୩ ଶହ ଦେଶୀ କୁକୁଡ଼ା ରହିଛି

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୫ ଅଗଷ୍ଟ ୨୦୨୩



## ସଂକ୍ଷେପରେ

### ନୃସିଂହନାଥ ମନ୍ଦିର ଦାନବାକ୍ସ ଚୋରି

ପାଇକମାଲ, ୨୪।୮ (ବଡ଼ ଶତପଥୀ)

ପଶ୍ଚିମ ଓଡିଶାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ବରଗଡ଼ ଜିଲା ପାଇକମାଳର ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିରର ୩ଟି ଦାନ ବାକ୍ସ ଚୋରି ହୋଇଛି। ସେହିପରି ମୁଖ୍ୟ ଦାନବାକ୍ସ ଭାଙ୍ଗି ସବୁ ଦାନରାଶି ଚୋରି ହୋଇଥିବା ଜଣାପଡିଛି। ବୁଧବାର ରାତି ପ୍ରାୟ ସାଢେ ୨ଟାରେ ୩ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଚାଲଧାର ଗେଟ୍ ତାଲା ସହ ମନ୍ଦିର ମୁଖ୍ୟ ଦ୍ୱାର କବାଟ ହୋଲଡ୍ରାପ ଭାଙ୍ଗି ଭିତରକୁ ପଶିଥିଲେ। ସେମାନେ ମହାପ୍ରଭୁଙ୍କ ସମ୍ମୁଖରେ ଥିବା ମୁଖ୍ୟ ଦାନବାକ୍ସ ତାଡି ସବୁ ଦାନରାଶି ନେବା ସହ ମନ୍ଦିର ଭିତରେ ଥିବା ଆଉ ୩ଟି ଦାନବାକ୍ସକୁ ନେଇଯାଇଥିଲେ। ଗୁରୁବାର ସକାଳେ ପୂଜକମାନେ ମହାପ୍ରଭୁଙ୍କ ନୀତି କରିବା ପାଇଁ ଆସି ତାଲା ଭଙ୍ଗାଯାଇଥିବା ଦେଖିବା ପରେ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନଙ୍କୁ ଜଣାଇଥିଲେ। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଧାନ ପାଇକମାଳ ପୋଲିସକୁ ସୂଚନା ଦେବା ପରେ ପାଇକମାଳ ପୋଲିସ ଓ ପଦ୍ମପୁର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ବିଭୂତି ଭୂଷଣ ଭୋଇ ମନ୍ଦିରରେ ପହଞ୍ଚି ତଦନ୍ତ କରିଛନ୍ତି। ସେମାନେ ମନ୍ଦିରରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରିଛନ୍ତି। ତେବେ ମହାପ୍ରଭୁଙ୍କ ଦାନବାକ୍ସ ଚୋରି ଘଟଣାରେ ଅଭିଯୁକ୍ତମାନଙ୍କୁ ଶୀଘ୍ର ଧରିବା ପାଇଁ ମନ୍ଦିର କମିଟି ତରଫରୁ ଦାବି ହୋଇଛି ।

### ବିଏସ୍ଏଫ୍‌ରେ ସାମିଲ ପାଇଁ ସ୍ୱରାଜ ମନୋନିତ

ପଦ୍ମପୁର,୨୪।୮ (ପ୍ରଦୀପ୍ତ ଦାଶ):



ବରଗଡ ଜିଲା ପଦ୍ମପୁର ବ୍ଲକ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି ସ୍ୱରାଜ ସାହୁ। ସେ କେନ୍ଦ୍ର ସୀମା ସୁରକ୍ଷା ବଳ(ବିଏସ୍ଏଫ୍)ରେ ସାମିଲ ହେବାକୁ ମନୋନୀତ ହୋଇଛନ୍ତି। ସ୍ୱରାଜଙ୍କ ବାପା କୁଞ୍ଜ ବିହାରୀ ଜଣେ ଚାଷୀ ହୋଇଥିବା ବେଳେ ତାଙ୍କ ଅଜା ଚୂଡାମଣି ସାହୁ ଜଣେ ଆଦର୍ଶ ଶିକ୍ଷକ। ତାଙ୍କ ଅଜାଙ୍କ ପ୍ରେରଣାରେ ଦେଶସେବା କରିବେ ବୋଲି ସ୍ୱରାଜ କହିଛନ୍ତି।

# ଭାଷାର ବିକଳ୍ପ ବୈଷୟିକ ଶିକ୍ଷା ନୁହେଁ

ବରଗଡ଼,୨୪।୮ (ପ୍ରେମାନନ୍ଦ ଖମାରୀ)

ସଂସ୍କୃତ ଭାଷା ଓ ସଂସ୍କୃତି ହେଉଛି ପ୍ରତି ଭାରତୀୟଙ୍କ ସ୍ୱତନ୍ତ୍ର ପରିଚୟ। ସଂସ୍କୃତ ଭାଷା ବିନା ଭାରତୀୟ ସଂସ୍କୃତି ଅସମ୍ପୂର୍ଣ୍ଣ। ମାତ୍ର ରାଜ୍ୟରେ ସଂସ୍କୃତ ଭାଷାର ସ୍ଥିତି ଦୟନୀୟ ହୋଇ ପଡ଼ିଛି। ହାଇସ୍କୁଲସ୍ତରରୁ ସଂସ୍କୃତ ଭାଷା ପ୍ରତି ବୈମାତୃକ ମନୋଭାବ ପୋଷଣ କରାଯାଇ ତୃତୀୟ ଭାଷାର ବିକଳ୍ପ ଭାବେ ବୈଷୟିକ ଶିକ୍ଷା ପ୍ରଚଳନରୁ ସଂସ୍କୃତ ଭାଷାର ଉଚ୍ଛେଦ ଆରମ୍ଭ ହୋଇଛି। କିନ୍ତୁ ଯେକୌଣସି ଭାଷାର ବିକଳ୍ପ ବୈଷୟିକ ଶିକ୍ଷା ହୋଇପାରିବ ନାହିଁ ବୋଲି ଗୁରୁବାର ବରଗଡ଼ ଜିଲାର ୧୨ ବ୍ଲକରେ ରହିଥିବା ହାଇସ୍କୁଲଗୁଡ଼ିକରେ ପାଳିତ ସଂସ୍କୃତ ଦିବସରେ ମତପ୍ରକାଶ ପାଇଛି। ରାଜ୍ୟ ସରକାର ଏହି ବିଷୟକୁ ଗୁରୁତ୍ୱର ସହିତ ବିଚାର କରି ବୈଷୟିକ ଶିକ୍ଷାକୁ ସ୍ୱତନ୍ତ୍ର ବିଷୟ ଭାବେ ରଖି ସଂସ୍କୃତ, ହିନ୍ଦୀ ଭାଷାର ବିକଳ୍ପ ନ କରନ୍ତୁ ବୋଲି ସଂସ୍କୃତପ୍ରେମୀମାନେ ଆହ୍ୱାନ ଦେଇଛନ୍ତି।





ବିଜେପୁରରେ ଅନୁଷ୍ଠିତ ସଂସ୍କୃତ ଦିବସ ପାଳନ କାର୍ଯ୍ୟକ୍ରମ । ବରଗଡ଼ ରାଣାପ୍ରତାପ ସ୍କୁଲରେ ଅନୁଷ୍ଠିତ ସଂସ୍କୃତ ଦିବସ ପାଳନ କାର୍ଯ୍ୟକ୍ରମ ।

**ସଂସ୍କୃତ ଦିବସ ପାଳନ କାର୍ଯ୍ୟକ୍ରମରେ ମତପ୍ରକାଶ**

ଜିଲାର ବରଗଡ଼ ବ୍ଲକରେ ନିଗମାନନ୍ଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ସଂସ୍କୃତ ଦିବସ ପାଳନ କରାଯାଇଥିଲା। ସେହିପରି ପାଇକମାଳ ବ୍ଲକର ଲିଙ୍ଗରାଜ ସାହୁ, ଝାରବନ୍ଧ ସୁଧୀର ସାହୁ, ଗାଇସିଲେଟ ଲିଙ୍ଗରାଜ ଭୋଇ, ପଦ୍ମପୁର ଲୋହିତ ସାହା, ବରପାଲି ଗୋବର୍ଦ୍ଧନ ସାହୁ, ଅତାବିରା ସୁଧୀର ରଥ, ଭଟଲି ଘନଶ୍ୟାମ ପଣ୍ଡା, ଭେଡ଼େନ ନବଘନ ସାହୁ, ବିଜେପୁର ରବିଶଙ୍କର ଗୁରୁ, ସୋହେଲା ରାସେଶ୍ୱରୀ ସେଟ, ଅମ୍ବାଭୋନା ବ୍ଲକରେ ସୁରେନ୍ଦ୍ର ଲୁହା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଥମଥର ପାଇଁ ସ୍କୁଲ କ୍ୟାଲେଣ୍ଡର କାର୍ଯ୍ୟକ୍ରମରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ପ୍ରତି ବିଦ୍ୟାଳୟରେ ସଂସ୍କୃତ ଦିବସ ପାଳନ ପାଇଁ ନିର୍ଦ୍ଦେଶ ଦେଇଥିବାରୁ ଜିଲା ସଂସ୍କୃତ ଶିକ୍ଷକ ସଂଘ ସମ୍ପାଦକ ଅଗସ୍ତି ପ୍ରଧାନ, ପଶ୍ଚିମ ସମ୍ଭାଗ ସମ୍ପାଦକ ବୃନ୍ଦାବନ ଠେଠୁଆର ପ୍ରମୁଖ ଶିକ୍ଷା ବିଭାଗକୁ କୃତଜ୍ଞତା ଜଣାଇଥିଲେ।

### ବିଶ୍ୱ ଉଦ୍ୟମିତା ଦିବସ ପାଳିତ

ବରପାଲି,୨୪।୮ (ଚିତ୍ତରଞ୍ଜନ ସାହୁ)

ବରଗଡ଼ ଜିଲା ବରପାଲି ବ୍ଲକ ଅନ୍ତର୍ଗତ ବରପାଲି ଫାର୍ମାସ୍ୟୁଟିକାଲ୍ସ କଲେଜ ପରିସରରେ ଗୁରୁବାର ବିଶ୍ୱ ଉଦ୍ୟମିତା ଦିବସ ପାଳିତ ହୋଇଯାଇଛି। ଏଥିରେ ଆର୍ଏସ୍ଏସ୍‌ର ସମ୍ବଲପୁର ବିଭାଗ ପ୍ରଚାରକ ଶ୍ରୀମନ୍ତ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ବିଦେଶୀ ଦ୍ରବ୍ୟ ବର୍ଜନ ସହ ନିଜେ ସ୍ୱାବଲମ୍ବୀ ହେବା ବିଶ୍ୱ ଉଦ୍ୟମିତା ଦିବସ ପାଳନର ଉଦ୍ଦେଶ୍ୟ। ସରକାରୀ ଚାକିରୀ ପଛରେ ନ ପଡ଼ି ନିଜେ ସାଲାଇନ, ଫିନାଇଲ ତିଆରି କାରଖାନା କରି ରୋଜଗାରକ୍ଷମ ହେବା ପାଇଁ ଉପସ୍ଥିତ ଫାର୍ମାସୀ ଛାତ୍ରୀଛାତ୍ରୀଙ୍କୁ ମୁଖ୍ୟ ଅତିଥି ପ୍ରଧାନ ପରାମର୍ଶ ଦେଇଥିଲେ। ଏହି ଉତ୍ସବରେ କଲେଜର ଉପାଧ୍ୟକ୍ଷ ଆଶୁତୋଷ ପ୍ରଧାନ ଅଧ୍ୟକ୍ଷତା କରିଥିବା ବେଳେ ଆଶୁତୋଷ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ କଲେଜର ବହୁ ଛାତ୍ରୀଛାତ୍ର ଏବଂ ଅଧ୍ୟାପକ ଉପସ୍ଥିତ ଥିଲେ।

# ଆଲୁମ୍ନି ବୈଠକ ଡାକିବେ ଅଧ୍ୟକ୍ଷ

ବରଗଡ଼,୨୪।୮ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ପଞ୍ଚାୟତ କଲେଜରୁ ଏନ୍‌ସିସି ପ୍ରତ୍ୟାହାର ଘଟଣାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଜିଲାର ସର୍ବପୁରାତନ ଉକ୍ତ ସରକାରୀ କଲେଜର ଏଭଳି ସ୍ଥିତି ପୁରାତନ ଏନ୍‌ସିସି କ୍ୟାଡ଼େଟ, ଛାତ୍ରୀଛାତ୍ର ଏବଂ ଜିଲାର ସଚେତନ ନାଗରିକଙ୍କ ଭାବାବେଗକୁ ଆଘାତ ଦେଇଛି। ଉକ୍ତ କଲେଜରେ ଏନ୍‌ସିସି ପୁନଃସ୍ଥାପନ ପାଇଁ ବିଭିନ୍ନ ମହଲରେ ଦାବି ଜୋର୍ ଧରିଛି। ଏହି କ୍ରମରେ ଗୁରୁବାର ବରଗଡ଼ ସାମ୍ବାଦିକ ସଂଘର ଏକ ପ୍ରତିନିଧି ଦଳ ପଞ୍ଚାୟତ କଲେଜକୁ ଯାଇ ଏନ୍‌ସିସି ପ୍ରତ୍ୟାହାର ହେବା ଘଟଣା ଉପରେ କଲେଜ ଅଧ୍ୟକ୍ଷ ପତିତପାବନ ସାହୁଙ୍କୁ ପଚାରି ବୁଝିଥିଲେ। ଅଧ୍ୟକ୍ଷ ସାହୁ ଘଟଣାକ୍ରମ ଉପରେ ସୂଚନା ଦେବା ପରେ ବରଗଡ଼ ସାମ୍ବାଦିକ ସଂଘର ପ୍ରତିନିଧି ତୁରନ୍ତ କଲେଜର ଆଲୁମିନି ବୈଠକ ଡାକି କଲେଜକୁ ପୁଣି ଯେଭଳି ଏନ୍‌ସିସି ଫେରି ଆସିବ, ସେ ଦିଗରେ ପଦକ୍ଷେପ ନେବା ପାଇଁ ଅଧ୍ୟକ୍ଷଙ୍କଠାରେ ଦାବି ଉପସ୍ଥାପନ କରିଥିଲେ। ଅଧ୍ୟକ୍ଷ ସାହୁ ତୁରନ୍ତ ଆଲୁମିନି ବୈଠକ ଡକାଯିବ ବୋଲି ସୂଚନା ଦେଇଥିଲେ। ଏହାସହିତ ଏନ୍‌ସିସି ପୁନଃ ସ୍ଥାପନ ପାଇଁ ସ୍ଥାନୀୟ ବିଧାୟକ, ସାଂସଦ, ଉଚ୍ଚଶିକ୍ଷା ବିଭାଗ, ଏନ୍‌ସିସି କମାଣ୍ଡିଂ ଅଫିସରଙ୍କୁ ପୂର୍ବରୁ ଚିଠି ଲେଖି ଅନୁରୋଧ କରାଯାଇଥିବା ସେ କହିଥିଲେ। ବରଗଡ଼ ସାମ୍ବାଦିକ ସଂଘ ସଭାପତି ସୁରେନ୍ଦ୍ର ହୋତାଙ୍କ ନେତୃତ୍ୱରେ ଉପସଭାପତି ବିରେନ୍ଦ୍ର ପ୍ରଧାନ, କାର୍ଯ୍ୟକାରୀ କମିଟି ସଭ୍ୟ ଉମେଶ ବିଶ୍ୱାଳ, ଦୀପକ ଶର୍ମା, ଲଲାଟେନ୍ଦୁ ଦାଶ ପ୍ରମୁଖ କଲେଜ ଅଧ୍ୟକ୍ଷଙ୍କୁ ଭେଟିଥିଲେ।



କଲେଜ ଅଧ୍ୟକ୍ଷଙ୍କ ସହିତ ବରଗଡ଼ ସାମ୍ବାଦିକ ସଂଘ ପ୍ରତିନିଧିବୃନ୍ଦଙ୍କ ଆଲୋଚନା ।

**ପଞ୍ଚାୟତ କଲେଜରୁ ଏନସିସି ପ୍ରତ୍ୟାହାର ଘଟଣା**

# ଗଙ୍ଗାଧର ଜୟନ୍ତୀ ପାଇଁ ସଙ୍ଗୀତ ପ୍ରତିଯୋଗିତା



କାର୍ଯ୍ୟକ୍ରମରେ ମଞ୍ଚାସୀନ ବିଚାରକ।

ବରପାଲି,୨୪।୮ (ଚିତ୍ତରଞ୍ଜନ ସାହୁ)

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ବରପାଲି ଗଙ୍ଗାଧର ମେହେର କ୍ଲବର ମିଳିତ ଆନୁକୂଲ୍ୟରେ ଆସନ୍ତା ୩୧ ତାରିଖରେ ଗଙ୍ଗାଧର ମେହେରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ ହେବ। ଏହି ଅବସରରେ ଗଙ୍ଗାଧର ମେହେର କ୍ଲବ ପକ୍ଷରୁ ଗୁରବାର ଗଙ୍ଗାଧର କଲ୍ୟାଣ ମଣ୍ଡପଠାରେ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତାରେ ଶତାଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ଯୋଗେନ୍ଦ୍ର ବେହେରା, ସରୋଜ ସାହୁ, ସାର୍ଥକ ନାଏକ ବିଚାରକ ଭାବେ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ନିବେଦିତା ସାହୁ ଓ ବନ୍ଦିତା ପ୍ରଧାନ ପ୍ରତିଯୋଗିତା ପରିଚାଳନା କରିଥିଲେ। ଜୟନ୍ତୀ କମିଟିର ଆବାହକ ଚିତ୍ତରଞ୍ଜନ ସାହୁ, କ୍ଲବର ସହ ସମ୍ପାଦକ ବାଲ କିଶୋର ଖାଡଙ୍ଗାଙ୍କ ସମେତ ସରୋଜ ତ୍ରିପାଠୀ, ପଦ୍ମଲୋଚନ ସାହୁ, ବଷ୍ଟି ତ୍ରିପାଠୀ, ବିଭୂତି ଭୂଷଣ ମିଶ୍ର, ମହେନ୍ଦ୍ର ଗହୀର, ରୋଷନ ପାଣିଗ୍ରାହୀ, ସତ୍ୟ ନାରାୟଣ ପ୍ରଧାନ, ଅନ୍ତର୍ଯାମୀ ମିଶ୍ର, ବାଳକୃଷ୍ଣ ପୂଜାରୀ ପ୍ରମୁଖ ବହୁ ସଭ୍ୟ ଉପସ୍ଥିତ ଥିଲେ।

# ପୋଷ୍ଟର ଚିରାକୁ ନେଇ ଗଣ୍ଡଗୋଳ ଘଟଣା, ୨ ଗିରଫ

ଭେଡ଼େନ,୨୪।୮ (ସୁଦନ ମହାକୁର)

ବରଗଡ଼ ଜିଲା ଭେଡ଼େନ ଥାନା ରକ୍ଷୁଡ଼ା ଫାଣ୍ଡି ଅନ୍ତର୍ଗତ ଖଣ୍ଟୁଲିପାଲିରେ ଯାତ୍ରା ପୋଷ୍ଟର ଚିରାକୁ ନେଇ ଗଣ୍ଡଗୋଳ ଘଟଣାରେ ପୋଲିସ ସ୍ଥାନୀୟ କୋଶଳ ସେନାର ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଅତାବିରା ଥାନା ନାଗେନପାଲି ଗ୍ରାମର ରମଣୀ ଦନ୍ତା (୩୯) ଏବଂ ଭେଡ଼େନ ଥାନା ଦେଶକୁମ୍ଭାରୀ ଗ୍ରାମର ସୌମ୍ୟକାନ୍ତ ଦାଶ (୪୦)। ଉଭୟଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି।

ପ୍ରକାଶ ଯେ, ଖଣ୍ଟୁଲିପାଲି ଦୁର୍ଗାପୂଜା କମିଟି ପକ୍ଷରୁ ଏକ ଯାତ୍ରା ପାର୍ଟି ଆୟୋଜନ କରାଯାଇଛି। ଉକ୍ତ ଯାତ୍ରାପାର୍ଟି ସେପ୍ଟେମ୍ବର ୫ରୁ ୯ ତାରିଖ ପର୍ଯ୍ୟନ୍ତ ଅପେରା ପରିବେଷଣ କରିବ। ଏଥିପାଇଁ ପ୍ରସ୍ତୁତିପର୍ବ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହି କ୍ରମରେ ଖଣ୍ଟୁଲିପାଲି ଛକ ସ୍ଥିତ ମହାନ୍ତି କମ୍ପ୍ଲେକ୍ସର ଦ୍ୱିତୀୟ ମହଲାରେ ଏକ ବିରାଟ ପୋଷ୍ଟର ଲଗାଯାଇଥିଲା। ତେବେ ମଙ୍ଗଳବାର ସନ୍ଧ୍ୟାରେ କୋଶଳ ସେନାର କେତେଜଣ ସଦସ୍ୟ ସେଠାକୁ ଆସି ଯାତ୍ରା ବନ୍ଦ କରିବାକୁ ପାଟିତୁଣ୍ଡ କରିଥିଲେ। ଦୁର୍ଗାପୂଜା କମିଟି ସଦସ୍ୟମାନେ ସେମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ କିଛି ଶୁଣି ନ ଥିଲେ। ପରେ ସେମାନେ କମ୍ପ୍ଲେକ୍ସ ଉପର ମହଲାକୁ ଚଢି ପୋଷ୍ଟର ଚିରା ଫୋପଡ଼ା କରିଥିଲେ। ଫଳରେ କୋଶଳ ସେନା ଏବଂ ଦୁର୍ଗାପୂଜା କମିଟି ସଦସ୍ୟଙ୍କ ମଧ୍ୟରେ ହାତାହାତି ଓ ଗାଡ଼ି ଭଙ୍ଗାରୁଜା ହୋଇଥିଲା। ଦୁର୍ଗାପୂଜା କମିଟିର ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ.୨୫୦।୨୩) ରୁଜୁ କରି ତଦନ୍ତ କରୁଥିଲା।

# ବିକାଶର ୨ଛାତ୍ରୀଙ୍କୁ ସ୍ୱର୍ଣ୍ଣପଦକ

ବରଗଡ଼,୨୪।୮ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟର ଏକାଦଶ ଶ୍ରେଣୀ ଛାତ୍ରୀ ଆଦ୍ୟାସ୍ତୁତି କର ଏବଂ ଆଦ୍ୟାଶା ପଣ୍ଡା ଓଏସ୍ଏପି (ଦ୍ୱିତୀୟ ବାଟାଲିୟନ) ଝାରସୁଗୁଡ଼ା ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ପ୍ରଥମ ମହିଳା ଖେଲୋ ଇଣ୍ଡିଆ ପେଞ୍ଚାକ୍ ସିଲଟ୍ ଲିଗ୍ ୨୦୨୩ରେ ବରଗଡ଼ ଜିଲାରୁ ପ୍ରତିନିଧିତ୍ୱ କରି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି ବୋଲି ବିକାଶ ଏଣ୍ଟ୍ରାନ୍ସ ଇଣ୍ଟିଗ୍ରେଟେଡ୍ ପ୍ରୋଗ୍ରାମ ହେଡ୍ ଚିତ୍ତରଞ୍ଜନ ପତି ସୂଚନା ଦେଇଛନ୍ତି। ଉକ୍ତ କୃତୀ ଛାତ୍ରୀମାନେ ମହାରାଷ୍ଟ୍ରର ପୁନେରେ ହେବାକୁ ଥିବା ଜାତୀୟ ସ୍ତରୀୟ ପ୍ରଥମ ମହିଳା ଖେଲୋ ଇଣ୍ଡିଆ ପେଞ୍ଚାକ୍ ସିଲଟ୍ ଲିଗ୍ ୨୦୨୩ରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ ବୋଲି ସୂଚନା ଦିଆଯାଇଛି। ଏହି ସଫଳତା ପାଇଁ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲୀକ୍ରୀଷ୍ଣା କୃତୀ ଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ଆଗାମୀ ଦିନରେ ହେବାକୁ ଥିବା ଜାତୀୟସ୍ତରୀୟ ପ୍ରତିଯୋଗିତାରେ ରାଜ୍ୟ ତଥା ସ୍କୁଲ ପାଇଁ ଗୌରବ ଆଣିବେ ବୋଲି ଆଶାବ୍ୟକ୍ତ କରିଛନ୍ତି। ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ଏବଂ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକବୃନ୍ଦ କୃତୀଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ସ୍ୱର୍ଣ୍ଣପଦକ ହାସଲ କରିଥିବା ବିକାଶର ୨ଛାତ୍ରୀ ।

# ଦିବ୍ୟାଙ୍ଗଙ୍କୁ ହ୍ୱିଲ ଚେୟାର ପ୍ରଦାନ

ପଦ୍ମପୁର,୨୪।୮ (ପ୍ରଦୀପ୍ତ ଦାଶ): ରାଜ୍ୟ ପଣ୍ୟଗାରା ନିଗମ ଅଧ୍ୟକ୍ଷ ମହେନ୍ଦ୍ର ବଢେଇ ପାଇକମାଳ ଓ ଝାରବନ୍ଧ ବ୍ଲକ ଅଞ୍ଚଳରେ ଦିବ୍ୟାଙ୍ଗଙ୍କୁ ହ୍ୱିଲ ଚେୟାର ପ୍ରଦାନ କରିଛନ୍ତି। ସେ ଗୁରୁବାର ଝାରବନ୍ଧ ବ୍ଲକ ଜଟେଶିରା ଗ୍ରାମର ମିଥିଳା ପଧାନ, ଲଉଡିଧରା ଗ୍ରାମର ସୁବଳୟା ସେଠ୍ ଏବଂ ପାଇକମାଳ ବ୍ଲକ ଡେଙ୍ଗନାଡିହିର ପାଣ୍ଡବ ପଟେଲଙ୍କୁ ହ୍ୱିଲ ଚେୟାର ପ୍ରଦାନ କରିଥିଲେ।



ବିକାଶ ଫାଷ୍ଟଷ୍ଟେପ୍‌ରେ କର୍ତ୍ତୃପକ୍ଷ ଓ ଛାତ୍ରୀଛାତ୍ର ଖୁସି ମନାଉଛନ୍ତି ।



ବିକାଶ ଅଡ଼ିଟୋରିୟମରେ ତ୍ରିରଙ୍ଗା ଉଡ଼ାଯାଉଛି।

# ଶିକ୍ଷାନୁଷ୍ଠାନରେ ଖୁସି ମନାଇଲେ ଛାତ୍ରୀଛାତ୍ର

ବରଗଡ଼,୨୪।୮ (ପ୍ରେମାନନ୍ଦ ଖମାରୀ)

ଚନ୍ଦ୍ରାୟନ-୩ ଅବତରଣର ଅପୂର୍ବ ସଫଳତା ପରେ ବରଗଡ଼ ବିକାଶ ଫାଷ୍ଟଷ୍ଟେପ୍ ଉତ୍ସବ ମୁଖରିତ ହୋଇପଡ଼ିଛି। ଏହି ଅବସରରେ ଗୁରୁବାର ଅନୁଷ୍ଠିତ ଉତ୍ସବରେ ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ତାଙ୍କ ଭାଷଣରେ ସେ ଇସ୍ରୋ ବୈଜ୍ଞାନିକଙ୍କ ପ୍ରଶଂସା କରିବା ସହିତ ଭାରତମାତାର ଜୟଧ୍ୱନି କରିଥିଲେ। ଆଜିର ଶିଶୁ ଆଗାମୀ ଦିନରେ ମହାନ୍ ବୈଜ୍ଞାନିକ ହୋଇପାରିବେ ବୋଲି ରାଓ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ପୁଷ୍ପାଞ୍ଜଳି ମହାପାତ୍ର ସ୍ୱାଗତ ଭାଷଣ ଦେଇ ମଣିଷର ଚନ୍ଦ୍ର ବିଜୟ ସ୍ୱପ୍ନ ହେଲେ ମଧ୍ୟ ଏହା ଖୁବ୍ ନିକଟତର ବୋଲି କହିଥିଲେ। ଛାତ୍ରୀଛାତ୍ରମାନେ ନାଚଗୀତ କରି ଖୁସି ମନାଇବା ସହିତ ତ୍ରିରଙ୍ଗାକୁ ସମ୍ମାନ ଜଣାଇଥିଲେ। ଛାତ୍ରୀ ସାଧ୍ୟା ପଣ୍ଡା ସଭା ସଂଯୋଜନା କରିଥିଲେ।

ସେହିପରି ଚନ୍ଦ୍ରାୟନ-୩ ସଫଳ ଅବତରଣରେ ବୁଧବାର ସନ୍ଧ୍ୟାରେ ବିକାଶ ଆବାସିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିକାଶ ଅଡ଼ିଟୋରିୟମରେ ଏକତ୍ରିତ ହୋଇ ପ୍ରୋଜେକ୍ଟର ମାଧ୍ୟମରେ ଇସ୍ରୋ ୱେବସାଇଟ୍‌ରେ ସିଧା ପ୍ରସାରଣ ଦେଖିବାର ସୁଯୋଗ ପାଇଥିଲେ। ବିଜ୍ଞାନ କ୍ଷେତ୍ରରେ ଭାରତ ପାଇଁ ସୃଷ୍ଟି ହୋଇଥିବା ଏହି ଐତିହାସିକ ମୁହୂର୍ତ୍ତକୁ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଆଗ୍ରହର ସହିତ ଦେଖିଥିଲେ। ଚନ୍ଦ୍ରାୟନ ସଫଳତାର ସହିତ ଅବତରଣ କରିବା କ୍ଷଣି ଛାତ୍ରୀଛାତ୍ର ଖୁସିରେ ଆତ୍ମହରା ହୋଇ ଉଠିଥିଲେ। ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲୀ କ୍ରୀଷ୍ଣା ନିଜ ବକ୍ତବ୍ୟରେ ଏହି ଐତିହାସିକ ସଫଳତା ପାଇଁ ଦେଶର ବୈଜ୍ଞାନିକମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେହିପରି ଏହି ସଫଳତା ଦେଶ ତଥା ଦେଶବାସୀଙ୍କ ପାଇଁ ଗର୍ବ ଗୌରବର ବିଷୟ ବୋଲି ମତବ୍ୟକ୍ତ କରିଥିଲେ। ବରଗଡ଼ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଚିତ୍ତରଞ୍ଜନ ପତି, ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।



ସଂସ୍କାର ଇଣ୍ଟରନ୍ୟାଶନାଲ ଚନ୍ଦ୍ରାୟନ-୩ ଆକୃତି ମଡ଼େଲ ସହ ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

**ଚନ୍ଦ୍ରାୟନ-୩ର ସଫଳ ଅବତରଣ**

ବରଗଡ଼ର ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲର ଛାତ୍ରୀଛାତ୍ର ମଧ୍ୟ ଚନ୍ଦ୍ରାୟନ-୩ ସଫଳତାର ଉତ୍ସବ ମନାଇଥିଲେ। ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ସମବେତ ହୋଇ ଏକସ୍ୱରରେ ଚାନ୍ଦ୍ ପର୍ ଲେ ଯାଏଁ ଗୀତ ଗାଇଥିଲେ। ବିଦ୍ୟାଳୟରେ ଚନ୍ଦ୍ରାୟନ-୩ ଆକୃତିରେ ନିର୍ମିତ ମଡେଲ୍‌ରେ ସେମାନେ ଏକାଠି ହୋଇଥିଲେ ଏବଂ ଦେଶ ପାଇଁ ଜୟଗାନ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଅଜିତ ପଟ୍ଟନାୟକ, ଅଧ୍ୟକ୍ଷ କରନ ସାହୁ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଆଜି କ'ଣ କେଉଁଠି

ରାଉରକେଲା

- ତାନିଷ୍କ ମିଆ ଷ୍ଟୋର ଉଦ୍‌ଘାଟନୀ, ମେନ୍ ରୋଡ୍, ପୂର୍ବାହ୍ନ ୧୧ଟା।
- ଇଣ୍ଟରନ୍ୟାଶନାଲ ଟ୍ରେଡ୍ ଫେୟାର ଉଦଘାଟନୀ, ସେକ୍ଟର-୧୩ ମେଳଣ ପଡ଼ିଆ, ସନ୍ଧ୍ୟା ସାଢ଼େ ୭ଟା।
- ଶକ୍ତିନଗର ଗିରିଜା ଟୋଲି ପକ୍ଷରୁ ଏଡିଏମ ଅଫିସ ଘେରାଉ, ଉଦିତନଗର, ପୂର୍ବାହ୍ନ ୧୧ଟା।
- ସ୍ପନ୍ଦନ ଅନୁଷ୍ଠାନ ପକ୍ଷରୁ ନାଟ୍ୟ କାର୍ଯ୍ୟକ୍ରମ, ସିଭିକ ସେଣ୍ଟର, ସନ୍ଧ୍ୟା ସାଢ଼େ ୬ଟା।

## ସଂକ୍ଷେପରେ

### ସୁନାଚେନ୍ ଛିଣ୍ଡାଇବା ବେଳେ ଦୁର୍ବୃତ୍ତଙ୍କୁ ପିଟିଲେ ବୃଦ୍ଧା

**ରାଉରକେଲା,୨୪।୮(ସଙ୍ଗୀତା ଜେନା):** ଘର ବାହାରେ ବସି ମୋବାଇଲରେ କଥା ହେଉଥିବା ବେଳେ ୨ଜଣ ଦୁର୍ବୃତ୍ତ ଆସି ଜଣେ ବୃଦ୍ଧାଙ୍କ ସୁନା ଚେନ୍ ଛିଣ୍ଡା ନେବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ବୃଦ୍ଧା ଜଣଙ୍କ ନିଜ ବଙ୍କୁଲି ବାଡ଼ିରେ ଦୁର୍ବୃତ୍ତଙ୍କୁ ପିଟିବାରୁ ସେମାନେ ଘଟଣାସ୍ଥଳ ଛାଡ଼ି ବାଇକ୍‌ରେ ପଳାଇଯାଇଥିଲେ। ଫଳରେ ବୃଦ୍ଧାଙ୍କ ସୁନାଚେନ ସୁରକ୍ଷିତ ରହିଯାଇଥିଲା। ଏଭଳି ଘଟଣା ଘଟିଛି ଛେଣ୍ଡ ଫେଜ୍-୧ ଅଞ୍ଚଳରେ। ଫେଜ୍-୧ର ଅନୁସୂୟା ପାତ୍ର(୭୮) ବୁଧବାର ଘର ବାହାରେ ମୋବାଇଲରେ ବସି କଥା ହେଉଥିଲେ। ଏହି ସମୟରେ ଉକ୍ତ ୨ ଦୁର୍ବୃତ୍ତ ବାଇକରେ ଆସି ବୃଦ୍ଧାଙ୍କ ଆଖି ବନ୍ଦ କରି ବେକରୁ ସୁନାଚେନ୍ ଛିଣ୍ଡାଇବାକୁ ଉଦ୍ୟମ କରିଥିଲେ। ବୃଦ୍ଧା ଜଣଙ୍କ ବଙ୍କୁଲି ବାଡ଼ିରେ ଦୁର୍ବୃତ୍ତଙ୍କୁ ପିଟିବାରୁ ଉଭୟ ସୁନାଚେନ୍ ଛାଡ଼ି ଫେରାର ହୋଇଯାଇଥିଲେ।

### ଫୁଲ ତୋଳାକୁ ନେଇ ମାରପିଟ, ଥାନାରେ ମାମଲା

**ରାଉରକେଲା,୨୪।୮(ସଙ୍ଗୀତା ଜେନା):** ଛେଣ୍ଡ ଥାନା ଅନ୍ତର୍ଗତ ଜଗନ୍ନାଥ ମନ୍ଦିର ନିକଟରେ ଫୁଲ ତୋଳିବାକୁ ନେଇ ମାଡ଼ପିଟ ହୋଇ ମାମଲା ଥାନାରେ ପହଞ୍ଚିଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୧୧।୨୩) ରୁଜୁ କରି ତଦନ୍ତ କରୁଛି। ଅଭିଯୋଗ ଅନୁସାରେ, ବୁଧବାର ସକାଳେ ଛେଣ୍ଡ ଜଗନ୍ନାଥ ମନ୍ଦିର ନିକଟ ଇ/୧୫୩ରେ ରହୁଥିବା ମଧୁସ୍ମିତା ମହାପାତ୍ର(୪୧)ଙ୍କ ବଗିଚାରୁ ଫୁଲ ତୋଳିବାକୁ ରେଖା କୋଠାରୀ ନାମକ ମହିଳା ଯାଇଥିଲେ। ଏହି ସମୟରେ ରେଖା ଓ ମଧୁସ୍ମିତାଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା ଏବଂ ରେଖା ଫୁଲ ତୋଳିବାକୁ ନେଇଥିବା ଲୁହା ଆଙ୍କୁଡାରେ ମଧୁସ୍ମିତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଗୁରୁବାର ସକାଳେ ସେ ଥାନାରେ ଅଭିଯୋଗ କରିଥିଲେ।

### ରଡ୍ ଚୋରି ଘଟଣାରେ ଯୁବକ ଗିରଫ

**ରାଉରକେଲା,୨୪।୮(ସଙ୍ଗୀତା ଜେନା):** ରଘୁନାଥପାଲି ଥାନା ଦେଓଗାଁ ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ଘର ସମ୍ମୁଖରୁ ଲୁହା ରଡ୍ ଚୋରି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଦେଓଗାଁ ଅଞ୍ଚଳର ଅଭୟ ସାହୁ(୨୮)। ଏ ନେଇ ଗୁରୁବାର ପୋଲିସ ଏକ ମାମଲା (ନଂ.୨୬୬।୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

### ବନ୍ଦ ଘରୁ ଚୋରି, ଥାନାରେ ଅଭିଯୋଗ

**ରାଉରକେଲା,୨୪।୮(ସଙ୍ଗୀତା ଜେନା)** ବନ୍ଧମୁଣ୍ଡା ଥାନା ସି ସେକ୍ଟର ୧୦ ନମ୍ବର ବସ୍ତି ଷ୍ଟେଶନ ରୋଡ୍‌ରେ ଜଣେ ମହିଳାଙ୍କ ଘର ସ୍କାଏଲାକ ଭାଙ୍ଗି ମୋବାଇଲ ଫୋନ୍, ଆଇଫୋନ୍, ସୁନା କାନର, ରୂପା ଗହଣା, ସ୍ମାର୍ଟ ୱାଚ ଆଦି ଚୋରି ହୋଇଛି। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୧୩୦/୨୩) ରୁଜୁ କରି ତଦନ୍ତ କରୁଛି। ବନ୍ଧମୁଣ୍ଡା ଅଞ୍ଚଳର ସୁଜାତା ଭଟ୍ଟାଚାର୍ଯ୍ୟ ନାମକ ମହିଳା ପ୍ରାୟ ଏକ ସପ୍ତାହ ହେଲା ଘରେ ତାଲା ପକାଇ ବାହାରକୁ ଯାଇଥିଲେ। ତାଙ୍କ ଅନୁପସ୍ଥିତିରେ କେହି ଦୁର୍ବୃତ୍ତ ତାଙ୍କ ଘରେ ପଶି ଚୋରି କରିଛନ୍ତି।



ଚନ୍ଦ୍ରୟାନ-୩ର ସଫଳତା ପରେ ରଘୁନାଥପାଲି ଭାଜପାର କର୍ମକର୍ତ୍ତାମାନେ ଗୁରୁବାର ଉତ୍ସବ ପାଳନ କରୁଛନ୍ତି।

### ଉତ୍ସବ ପାଳିଲା ରଘୁନାଥପାଲି ଭାଜପା

**ରାଉରକେଲା,୨୪।୮(ସଙ୍ଗୀତା ଜେନା)**

ଚନ୍ଦ୍ରୟାନ-୩ର ସଫଳତା ପରେ ଗୁରୁବାର ରଘୁପାଥପାଲି ଭାଜପା ପକ୍ଷରୁ ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ ସେକ୍ଟର-୬ ଅଞ୍ଚଳରେ କର୍ମକର୍ତ୍ତାମାନେ ଶୋଭାଯାତ୍ରା କରିଥିଲେ। ବସନ୍ତ ସାମଲଙ୍କ ନେତୃତ୍ୱରେ ବିସ୍ତାରକ ଶ୍ୟାମ ନାୟକ, ଏସ୍‌ସିଏମ୍‌ର ସଭାପତି ରୋହିତ ତନ୍ତୀ, ସଭାନେତ୍ରୀ ଲତିକା ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗବନ୍ଧୁ ବେହେରା, ବାପି ମହାପାତ୍ରଙ୍କ ସମେତ ଶତାଧିକ କର୍ମୀ ଏଥିରେ ଅଂଶଗ୍ରହଣ କରିଥିଲେ।

# ସମ୍ପୂର୍ଣ୍ଣ ବିକାଶ ନ ହେଲେ ଭୋଟ ବର୍ଜନ

**ରାଉରକେଲା,୨୪।୮(ସଙ୍ଗୀତା ଜେନା)**

**ରାଉରକେଲା ବିମାନବନ୍ଦର**

ହକି ବିଶ୍ୱକପ୍ ପୂର୍ବରୁ ରାଉରକେଲା ଓ ଭୁବନେଶ୍ୱର ମଧ୍ୟରେ ବିମାନ ଚଳାଚଳ ଆରମ୍ଭ ହେଲା। ମାତ୍ର ଏହାର ଆଖିଦୃଷ୍ଟିଆ ବିକାଶ ହୋଇପାରିଲା ନାହିଁ। କମ୍ ଦୂରତ୍ୱ ସମ୍ପନ୍ନ ଉଡ଼ାଣ ହେଉଥିବା ବେଳେ ମହାନଗର ସହ ସଂଯୋଗୀକରଣ ଓ ଅଧିକ ଦୂରକୁ ଫ୍ଲାଇଟ ଚଳାଚଳ ସମ୍ଭବ ହୋଇ ପାରିଲାନାହିଁ। ଛୋଟ ରନୱେ ବଡ଼ ଫ୍ଲାଇଟ ଅବତରଣ ସ୍ୱପ୍ନରେ ପ୍ରତିବନ୍ଧକ ସାଜିଲା। ଅନ୍ୟ ରାଜ୍ୟମାନଙ୍କରେ କମ୍ ଜନସଂଖ୍ୟାରେ ଅଧିକ ବିମାନ ବନ୍ଦର ଓ ସୁବିଧା ଦିଆଯାଇଥିବା ବେଳେ ରାଜନୈତିକ ଉଦାସୀନତା ଯୋଗୁ ଓଡ଼ିଶା ଏଥିରୁ ବଞ୍ଚିତ ହେଉଛି ବୋଲି ରାଉରକେଲା ସଚେତନ ନାଗରିକ ମଞ୍ଚ ସଭାପତି ଇଂ. ବିମଳ ବିଶି ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଶି ବିଭାଗୀୟ ମନ୍ତ୍ରୀଙ୍କୁ ଚିଠି ଲେଖି ରାଉରକେଲା ବିମାନ ବନ୍ଦରର ସମ୍ପୂର୍ଣ୍ଣ ବିକାଶ ପାଇଁ ଦାବି କରିଛନ୍ତି।

ଇଂ. ବିଶି ଆହୁରି କହିଛନ୍ତି, ଗୁଜୁରାଟରେ ୧୩, ମହାରାଷ୍ଟ୍ରରେ ୧୦, ମଧ୍ୟପ୍ରଦେଶରେ ୧୦, ଉତ୍ତରପ୍ରଦେଶରେ ନବନିର୍ମିତ ବିମାନ ବନ୍ଦର ସମେତ ୨୫, କେରଳରେ ୪ଟି ଅନ୍ତର୍ଜାତୀୟ ବିମାନ ବନ୍ଦର ରହିଥିବାବେଳେ ଓଡ଼ିଶାରେ ମାତ୍ର ୩ ବିମାନବନ୍ଦର ରହିଛି। ରାଉରକେଲାରେ ଇସ୍ପାତ କାରଖାନା, ଏନ୍‌ଆଇଟି ରାଉରକେଲା ଭଳି ଜାତୀୟ ପ୍ରତିଷ୍ଠାନ ରହିଛି। ଏଥିରେ ଏୟାର କନେକ୍ଟିଭିଟି ନ ଥିବାରୁ ଅନେକ ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରୁନାହିଁ। ସେହିପରି ଆଇଏଲଏସ ସିଷ୍ଟମ ଇନଷ୍ଟଲ କରାଗଲେ ଏୟାର ଇଣ୍ଡିଆ, ଭିଷ୍ଟାରା, ଇଣ୍ଡିଗୋ ଓ ଅନ୍ୟ ଏୟାର ଲାଇନ୍‌ଗୁଡ଼ିକ ବିମାନ ଚଳାଚଳ ପାଇଁ ରୁଟ୍ ପାଇବା ସହ ସୁଯୋଗ ପାଇପାରନ୍ତେ। ସେହିପରି ରାଉରକେଲା ବିମାନ ବନ୍ଦର ରନୱେର ସମ୍ପ୍ରସାରଣ ଆବଶ୍ୟକତା ରହିଛି। ପ୍ରଧାନପାଲି ଅଞ୍ଚଳ ପଟୁ ପ୍ରାୟ ୨ଶହ ମିଟର ଓ ସେକ୍ଟର-୧୩ ପାର୍ଶ୍ୱରୁ ସମ୍ପ୍ରସାରଣ କରାଗଲେ ରନୱେ ବୃଦ୍ଧିପାଇପାରନ୍ତା। ବିମାନବନ୍ଦର ନିକଟରେ ରାଜ୍ୟ ସରକାରଙ୍କ ଜମି ରହିଛି। ରାଜ୍ୟ ସରକାର ଏହି ଜମିକୁ ଏୟାରପୋର୍ଟ ପ୍ରାଧିକରଣକୁ ହସ୍ତାନ୍ତର କଲେ ସମସ୍ୟା ସମାଧାନର ବାଟ ଫିଟିଯାଆନ୍ତା ବୋଲି ବିଶି ଚିଠିରେ ଉଲ୍ଲେଖ କରିଛନ୍ତି। ଏହା ଉପରେ ଦୃଷ୍ଟି ନ ଦେଲେ ଆଗାମୀ ନିର୍ବାଚନରେ ଭୋଟ ବର୍ଜନ କରାଯିବ ବୋଲି ସେ କହିଛନ୍ତି।

# ରେଳ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦେଲା କେଜେଡି



କେଜେଡି ପକ୍ଷରୁ ଆର୍‌ଏମ୍‌ସି କମିଶନରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ରାଉରକେଲା,୨୪।୮(ସଙ୍ଗୀତା ଜେନା)**

**ରାଉରକେଲାରେ ମେଟ୍ରୋ ଟ୍ରେନ ଚଳାଚଳ ଦାବି**

ଇସ୍ପାତ ନଗରୀ ଓ ପୌରାଞ୍ଚଳ ସମେତ ବେଦବ୍ୟାସ, ବନ୍ଧମୁଣ୍ଡା, ଛେଣ୍ଡ ଓ ବାସନ୍ତୀ କଲୋନୀ, କୋଏଲ ନଗର ଆଦି ଅଞ୍ଚଳକୁ ମେଟ୍ରୋ ରେଳ ସେବା ଯୋଗାଇ ଦେବା ପାଇଁ ଦାବି ଜୋର୍ ଧରିଛି। ଏହି ମର୍ମରେ କୋଶଳ ଜନତା ଦଳ (କେଜେଡି) ପକ୍ଷରୁ ଗୁରୁବାର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଉଦ୍ଦେଶ୍ୟରେ ଆର୍‌ଏମ୍‌ସି କମିଶନର ଡ. ଶୁଭଙ୍କର ମହାପାତ୍ରଙ୍କୁ ୪ ଦଫା ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ରାଉରକେଲା-ଭୁବନେଶ୍ୱର ମଧ୍ୟରେ ଦ୍ୱିତୀୟ ବନ୍ଦେ ଭାରତ ଟ୍ରେନ୍ ଚଳାଚଳ ନିଷ୍ପତ୍ତିକୁ କେଜେଡି ସ୍ୱାଗତ କରିବା ସହ କହିଛି ଯେ, ଓଡିଶାରେ ମେଟ୍ରୋ ରେଳ ସେବା ପାଇଁ ଅନ୍ୟତମ ଉପଯୁକ୍ତ ସହର ହେଉଛି ସ୍ମାର୍ଟସିଟି ରାଉରକେଲା। ଏଠାରେ ବିପିୟୁଟି, ଏନ୍‌ଆଇଟି ଭଳି ଶିକ୍ଷାନୁଷ୍ଠାନ ସାଙ୍ଗକୁ ଆଇଜିଏଚ୍, ଆର୍‌ଜିଏଚ୍, ସୁପର ସ୍ପେଶାଲିଟି ହସ୍ପିଟାଲ ଆଦି ରହିଛି। ଏସିଆର ସର୍ବବୃହତ ଖଣିଜ ସମ୍ପଦଭରା ଅଞ୍ଚଳରୁ ଉପଲବ୍ଧ ଜିଲା ଖଣିଜ ପାଣ୍ଠି, ସ୍ମାର୍ଟସିଟି ଉନ୍ନୟନ ପାଣ୍ଠି, ରେଲୱେ, ସେଲ୍ ତଥା ରାଜ୍ୟ ସରକାରଙ୍କ ସୂତ୍ରରୁ ଏଥିପାଇଁ ଆବଶ୍ୟକ ଅର୍ଥ ଅନାୟାସରେ ମିଳିପାରିବ। ରାଉରକେଲାରେ ନୂତନ ବିମାନ ବନ୍ଦର, ବିଶ୍ୱସ୍ତରୀୟ ହକି ଷ୍ଟାଡିୟମ ହେବା ପରେ ପ୍ରସ୍ତାବିତ ଆଇଟି ହବ୍‌କୁ ନେଇ ରାଉରକେଲାର ଗୁରୁତ୍ୱ ବୃଦ୍ଧି ପାଇଛି। ୧୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଏହି ଆଦିବାସୀ ବହୁଳ ଅଞ୍ଚଳ ପାଇଁ ମେଟ୍ରୋ ରେଳ ବ୍ୟବସ୍ଥା ଏକ ଯୁଗାନ୍ତକାରୀ ପଦକ୍ଷେପ ହେବ। ଏଥିପାଇଁ ପ୍ରାରମ୍ଭିକ ସର୍ଭେ ସହ ଡିପିଆର୍ ପ୍ରସ୍ତୁତି ପାଇଁ ରେଳ ମନ୍ତ୍ରୀ ନିର୍ଦ୍ଦେଶ ଦିଅନ୍ତୁ ବୋଲି ମୁଖପାତ୍ର ଡା. ସୁରମା ମିଶ୍ର ଦାବି କରିଛନ୍ତି।

# ଔଷଧ ପାଇଁ କିଡ୍‌ନୀ ରୋଗୀଙ୍କ ଭିକ୍ଷାବୃତ୍ତି

**ରାଉରକେଲା,୨୪।୮(ଦିନେଶ ମିଶ୍ର)**

ରାଉରକେଲା ଉଦିତନଗର ଚୌଧୁରୀ ପେଟ୍ରୋଲ ପମ୍ପ ନିକଟରେ ରହୁଛନ୍ତି ଅଙ୍କିତ କୁମାର(୨୩)। ସେ ଦୀର୍ଘବର୍ଷ ଧରି କିଡ୍‌ନୀ ରୋଗରେ ପୀଡିତ। ଅର୍ଥାଭାବ ଯୋଗୁ ସେ ଔଷଧ କିଣି ଖାଇପାରୁନାହାନ୍ତି। ଫଳରେ ସେ ୬ ମାସ ହେଲା ଭିକ୍ଷାବୃତ୍ତିକୁ ଆପଣେଇଛନ୍ତି। ଭିକ୍ଷା କରି ଯାହା ମିଳୁଛି ସେଥିରେ ଅଙ୍କିତ ଔଷଧ କିଣି ଖାଉଛନ୍ତି।

ଅଙ୍କିତଙ୍କ ଘର ବିହାର ରାଜ୍ୟ ଗୟା ଅଞ୍ଚଳରେ ଏବଂ ତାଙ୍କ ବାପା ସଲେସ କୁମାର ଜଣେ ଚାଷୀ। ଅଙ୍କିତଙ୍କୁ ୧୪ ବର୍ଷ ହୋଇଥିଲା ବେଳେ ତାଙ୍କ ମା' କୁମକୁମ କୁମାରୀ ଅଜଣାରୋଗରେ ମୃତ୍ୟୁବରଣ କଲେ। ପରେ ଅଙ୍କିତ ବାପାଙ୍କୁ ଚାଷକାମରେ ସହଯୋଗ କଲେ। ୨୦୧୨ରେ ତାଙ୍କ ପେଟରେ ଷ୍ଟୋନ୍ ହୋଇଥିଲା। ଚାଷୀ ମୂଲିଆ ଘର ହୋଇଥିବାରୁ ତାଙ୍କ ବାପା ତାଙ୍କୁ ସେହି ସମୟରେ ଭଲ ଚିକିତ୍ସା କରାଇ ପାରି ନ ଥିଲେ। ଅଙ୍କିତଙ୍କ ପେଟରେ ଷ୍ଟୋନ ବଢିବାରେ ଲାଗିଲା। ସ୍ଥାନୀୟ ଅଞ୍ଚଳର କିଛି ସମାଜସେବୀଙ୍କ ସାହାଯ୍ୟରେ ବନାରାସ ସ୍ଥିତ ସରକାରୀ ହସ୍ପିଟାଲରେ



କିଡ୍‌ନୀ ରୋଗୀ ଅଙ୍କିତ କୁମାର।

ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ଅଙ୍କିତ ଡାକ୍ତରଖାନାରୁ ଆସିବା ପରେ ଅର୍ଥାଭାବରୁ ଔଷଧ ଖାଇପାରିଲେନି। ଫଳରେ ଏହି ରୋଗ ଭଲହେବା ପରିବର୍ତ୍ତେ ତାଙ୍କ କିଡ୍‌ନୀରେ ପ୍ରଭାବ ପକାଇଲା। ଫଳରେ ସଲେସ ଅଙ୍କିତଙ୍କୁ ଧରି ରାଉରକେଲାସ୍ଥିତ ସମ୍ପର୍କୀୟଙ୍କ ଘରକୁ ଚାଲି ଆସିଥିଲେ। ରାଉରକେଲାରେ ସମ୍ପର୍କୀୟ ଦାଦାଙ୍କ ଘରେ ଅଙ୍କିତଙ୍କୁ ଛାଡି ସଲେସ ଗାଁକୁ ଅର୍ଥ ଯୋଗାଡ କରିବାକୁ ପଳାଇ ଯାଇଥିଲେ। ପରେ ତାଙ୍କ ସମ୍ପର୍କୀୟ ଦାଦା ଏକ ଘରୋଇ କ୍ୟାମ୍ପରେ ଏହି ରୋଗକୁ ନେଇ ଡାକ୍ତରଙ୍କ ସହ ପରାମର୍ଶ କରିଥିଲେ। ଏଥିପାଇଁ ଡାକ୍ତର ୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି କହିଥିଲେ। ଏଥିସହ ତାଙ୍କୁ ଔଷଧ ଖାଇବା ପାଇଁ ପରାମର୍ଶ ଦେଇଥିଲେ। ବର୍ତ୍ତମାନ ଅଙ୍କିତ ରାଉରକେଲାରେ ଔଷଧ ପାଇଁ ୬ ମାସ ହେଲା ଭିକ୍ଷାବୃତ୍ତି କରୁଥିବା ଦେଖିବାକୁ ମିଳିଛି। ପ୍ରତିମାସରେ ଔଷଧ ପିଛା ୧୫ ଶହ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଏଭଳି ଭିକ୍ଷାବୃତ୍ତି କରି ନିଜ ଜୀବନ ବଞ୍ଚାଇବାକୁ ସେ ଉଦ୍ୟମ ଜାରି ରଖିଛନ୍ତି। ପ୍ରଶାସନ କିମ୍ବା କୌଣସି ସହୃଦୟ ବ୍ୟକ୍ତି ତାଙ୍କୁ ସହଯୋଗ କଲେ ଅଙ୍କିତ ଉପକୃତ ହୁଅନ୍ତେ ବୋଲି କହିଛନ୍ତି।

### ସାପ କାମୁଡାରେ ବୃଦ୍ଧା ମୃତ

**ରାଉରକେଲା,୨୪।୮(ଦିନେଶ ମିଶ୍ର):** ସାପ କାମୁଡ଼ି ଦେବାରୁ ଲହୁଣୀପଡା ଆମ୍ରଡି ଗ୍ରାମର ଜଣେ ବୃଦ୍ଧାଙ୍କ ଗୁରୁବାର ମୃତ୍ୟୁ ହୋଇଛି। ମୃତା ବୃଦ୍ଧା ହେଲେ ସୂର୍ଯ୍ୟମଣି ମୁଣ୍ଡାରୀ(୬୦)। ରଘୁନାଥପାଲି ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୮୭।୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ଅନୁସାରେ, ସୂର୍ଯ୍ୟମଣି ବୁଧବାର ରାତିରେ ଖାଇସାରି ଘର ବାରଣ୍ଡାରେ ଶୋଇଥିଲେ। ଏହି ସମୟରେ ଏକ ବିଷଧର ସାପ ତାଙ୍କ ବେକକୁ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଲହୁଣୀପଡା ସରକାରୀ ଡାକ୍ତରଖାନା ଏବଂ ପରେ ଆର୍‌ଜିଏଚ୍‌କୁ ସ୍ଥାନାନ୍ତର କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ସକାଳେ ତାଙ୍କର ମୃତ୍ୟୁ ହୋଇଥିଲା।

### ସ୍କ୍ରାପ୍ ସହ ଟାଟା ଏସିଇ ଜବତ

**ବେଦବ୍ୟାସ,୨୪।୮(ଆଲୋକ ସ୍ୱାଇଁ)**

ବ୍ରାହ୍ମଣୀତରଙ୍ଗ ଥାନା ଅଞ୍ଚଳରେ ଗୁରୁବାର ଯାଞ୍ଚ ସମୟରେ ଏକ ସ୍କ୍ରାପ୍ ବୋଝେଇ ଟାଟା ଏସିଇ ଗାଡ଼ି ଜବତ ହୋଇଛି। ଏହି ଘଟଣାରେ ଦୀପକ ଗୁପ୍ତାଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ପ୍ରାୟ ୧୨ଶହ କେଜି ସ୍କ୍ରାପ୍ ଜବତ ହୋଇଛି। ପୋଲିସ ଏକ ମାମଲା (ନଂ.୧୬୩।୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

### ମୋବାଇଲ ଚୋରି, ୨ ଗିରଫ

**ରାଉରକେଲା,୨୪।୮(ସଙ୍ଗୀତା ଜେନା)**

ରାଜଗାଙ୍ଗପୁର ରେଲୱେ ଷ୍ଟେଶନରେ ୨ଟି ଭିନ୍ନ ଟ୍ରେନରୁ ମୋବାଇଲ ଚୋରି ଅଭିଯୋଗରେ ଜିଆରପି ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ରାଞ୍ଚି ଓଡ଼ଗାଁ ଅଞ୍ଚଳର ଦିଲୀପ ସିଂ(୩୭) ଓ ସମୀର ଓରାନ(୩୦)। ଗୁରୁବାର ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁସାରେ, ଟାଟା ବିଳାସପୁର ଟ୍ରେନରୁ ଜଣେ ଯାତ୍ରୀଙ୍କ ମୋବାଇଲ ଚୋରି ଅଭିଯୋଗ ହେବା ପରେ ପୋଲିସ ଦିଲୀପଙ୍କୁ ଗିରଫ କରିବା ସହ ଏକ ମାମଲା (ନଂ.୧୧୧।୨୩) ରୁଜୁ କରିଛି। ସେହି ଟ୍ରେନରେ ଅନ୍ୟ ଜଣେ ଯାତ୍ରୀଙ୍କ ମୋବାଇଲ ଚୋରି ଅଭିଯୋଗରେ ଜିଆରପି ଏକ ମାମଲା(ନଂ.୧୧୨।୨୩) ରୁଜୁ କରି ସମୀରଙ୍କୁ ଗିରଫ କରିଥିଲା।

## ମହିଳା କୃଷକଙ୍କ ପାଇଁ ସ୍ଥାୟୀ ଜୈବିକ କର୍ମଶାଳା



କର୍ମଶାଳାରେ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

**ରାଉରକେଲା,୨୪।୮(ସଙ୍ଗୀତା ଜେନା)**

ସେଲ୍ ରାଉରକେଲା ଇସ୍ପାତ କାରଖାନାର ସିଏସ୍‌ଆର ପ୍ରୟାସ ଅନ୍ତର୍ଗତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ସହଭାଗିତାରେ ବର୍ଜ୍ୟରୁ ଐଶ୍ୱର୍ଯ୍ୟ କାର୍ଯ୍ୟକ୍ରମ ଅଧୀନରେ ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନଠାରେ ସ୍ଥାୟୀ ଜୈବିକ କୃଷି କର୍ମଶାଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦଯାପନୀ ଦିବସରେ ସହର ପ୍ରଶାସନ ଓ ସିଏସ୍‌ଆର ବିଭାଗର ସିଜିଏମ ପି. କେ. ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଆୟୋଜକ କମିଟି ତଥା ସିଏସ୍‌ଆର ଉପସ୍ଥିତିରେ ଅଂଶଗ୍ରହଣକାରୀଙ୍କୁ ଏନ୍‌ଆଇଟି, ରାଉରକେଲା ଏବଂ ସେଲ୍ ଆରଏସପି ଦ୍ୱାରା ମିଳିତ ଭାବେ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ ୩ ଦିନିଆ କାର୍ଯ୍ୟକ୍ରମରେ ନୂଆଗାଁ ବ୍ଲକ ଜହରିଟୋଲି, କୁଆଁରମୁଣ୍ଡା ବ୍ଲକ କଚାରୁ, ଲାଠିକଟା ବ୍ଲକ ହାତିବନ୍ଧ ଓ ବଡ଼ମାରିଏନ୍ ଅଞ୍ଚଳରେ ୫୦ ଜଣ ମହିଳା କୃଷକ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ସିଏସ୍‌ଆର ବିଭାଗର ଜିଏମ୍ ମୁନମୁନ୍ ମିତ୍ର, ଏନ୍‌ଆଇଟି ଆସୋସିଏଶଟ୍ ପ୍ରଫେସର ଡ. ଆର୍. ସି. ପ୍ରଧାନ ଏବଂ ଓଡ଼ିଶା ସରକାରଙ୍କ କୃଷି ବିଭାଗର ନିର୍ବାହୀ ଯନ୍ତ୍ରୀ ନରେନ୍ଦ୍ର ପଣ୍ଡା ଅଭିଭାଷଣ ପ୍ରଦାନ କରିଥିଲେ। ଏନ୍‌ଆଇଟିର ଆସିଷ୍ଟାଣ୍ଟ ପ୍ରଫେସର ଡ. ଦିବ୍ୟକାନ୍ତ ସେଠ୍ ଧନ୍ୟବାଦ ଅର୍ପଣ କରିଥିଲେ।

# ବସ୍ତି ସମସ୍ୟା ସମାଧାନ ପାଇଁ ଦାବିପତ୍ର

**ରାଉରକେଲା,୨୪।୮(ଦିନେଶ ମିଶ୍ର)**

ରାଉରକେଲାରେ ବିଭିନ୍ନ ବସ୍ତି ସମସ୍ୟା ସମାଧାନ ପାଇଁ ରଘୁନାଥପାଲି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ ରାଉରକେଲା ଇସ୍ପାତ କାରଖାନାର ସହରାଞ୍ଚଳର ମୁଖ୍ୟ ପି. କେ. ସ୍ୱାଇଁଙ୍କୁ ଗୁରୁବାର ଭେଟି ଆଲୋଚନା କରିଛନ୍ତି। ଏହି ସମୟରେ ସେଠୀ ଦକ୍ଷିଣ ରାଉରକେଲାର କନଷ୍ଟ୍ରକଶନ କଲୋନୀ ଠାରୁ ଅଟୋ କଲୋନୀ ସାଇ ମନ୍ଦିର ପର୍ଯ୍ୟନ୍ତ ରାସ୍ତାକୁ ତୁରନ୍ତ ମରାମତି ପାଇଁ ଦାବି କରିଥିଲେ।

ସେହିପରି ସେକ୍ଟର-୧ ଗଞ୍ଜୁ ବସ୍ତିରେ ସୋଲାର ଜଳ ପ୍ରକଳ୍ପ ବହୁଦିନ ଧରି ଖରାପ ହୋଇ ପଡିଥିବାରୁ ତାକୁ ମରାମତି କରିବାକୁ କହିଥିଲେ। ଏହି ବସ୍ତିରେ ବହୁଦିନ ଧରି ଆରଏସ୍‌ପି ପକ୍ଷରୁ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହୋଇପାରିନାହିଁ। ବର୍ଷାହେଲେ ଡ୍ରେନ୍ ପାଣି ବସ୍ତି ଭିତରେ ପଶୁଥିବାବେଳେ ବସ୍ତିରେ କୌଣସି ଡଷ୍ଟବିନ ବ୍ୟବସ୍ଥା କରାଯାଇନାହିଁ। ଏହି



ଆର୍‌ଏସ୍‌ପି ସହରାଞ୍ଚଳର ମୁଖ୍ୟଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ସମସ୍ୟାର ତୁରନ୍ତ ସମାଧାନ ପାଇଁ ସ୍ଥାନୀୟ ବସ୍ତିବାସୀ ଓ ମାର୍କେଟ କମିଟିର କର୍ମକର୍ତ୍ତା ଦାବ କରିଥିଲେ। ଏହି ପରିପ୍ରେକ୍ଷୀରେ ସେଠୀ ଆର୍‌ଏସ୍‌ପି ସହରାଞ୍ଚଳ ମୁଖ୍ୟ ସ୍ୱାଇଁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ସମୟରେ ଭିକାରୀ ଚରଣ ବାରିକ, ପ୍ରକାଶ ପୋଥାଳ, ଚଞ୍ଚଳା ସାମଲ, ବନିତା ନାୟକ, ବିଶ୍ୱ ରଞ୍ଜନ ରାଉଥ, ଜନୀ ରୋବୋଟ ପ୍ରମୁଖ ଉପସ୍ଥିତ ଥିଲେ।

## ସୁରଞ୍ଜନ ମହାପାତ୍ରଙ୍କ ସ୍ମୃତି ଚାରଣ

ସମ୍ବଲପୁର,୨୪ା୮(ବି.ଶଙ୍କର): ସମ୍ବଲପୁର ଧମାସ୍ଥିତ ମା' ଝାଡେଶ୍ୱରୀ ସ୍ନାତକ ମହାବିଦ୍ୟାଳୟର ପୂର୍ବତନ ସଭାପତି ସୁରଞ୍ଜନ ମହାପାତ୍ରଙ୍କ ବିୟୋଗରେ ବୁଧବାର ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଯୁକ୍ତ ୨ ଅଧକ୍ଷ ଅଶୋକ କୁମାର ପୁରୋହିତ ସଭାପତିତ୍ୱ କରିଥିଲେ। ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ରହି ସ୍ୱର୍ଗତ ମହାପାତ୍ରଙ୍କ ସ୍ମୃତିଚାରଣ କରିଥିଲେ। ପୂର୍ବତନ ପରିଚାଳନା ପରିଷଦର ଦିଲୀପ କୁମାର ମହାପାତ୍ର, ରବୀନ୍ଦ୍ର ପୃଷ୍ଟିଙ୍କ ସମେତ ଯୁକ୍ତ ତିନ ଅଧକ୍ଷ ଅନିଲ ପ୍ରଧାନ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସେପ୍ଟେମ୍ବର ୧ରୁ ଶ୍ରୀଜଗନ୍ନାଥ କଥାମୃତ

ସମ୍ବଲପୁର,୨୪ା୬(ବି.ଶଙ୍କର): ସ୍ୱୀକାର ପକ୍ଷରୁ ଆସନ୍ତା ସେପ୍ଟେମ୍ବର ୧ରୁ ୩ ତାରିଖ ପର୍ଯ୍ୟନ୍ତ ଶିଳା ଟାୱାର ସମ୍ମିଳନୀ କକ୍ଷରେ ଶ୍ରୀଜଗନ୍ନାଥ କଥାମୃତ କାର୍ଯ୍ୟକ୍ରମ ହେବ। ଏଥିରେ ବିଶିଷ୍ଟ ଜଗନ୍ନାଥ ସଂସ୍କୃତି ଗବେଷକ ଡା. କୃଷ୍ଣକେଶବ ଷଡ଼ଙ୍ଗୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟେହ ସନ୍ଧ୍ୟା ୬ରୁ ୮ଘଣ୍ଟା ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ ତତ୍ତ୍ୱ ଉପରେ ଆଲୋଚନା ହେବ ବୋଲି ସ୍ୱୀକାର ସମ୍ପାଦକ ହେମନ୍ତ କୁମାର ମହାପାତ୍ର ପ୍ରେସ ବିବୃତିରେ ସୂଚିତ କରିଛନ୍ତି।

### ବାମରା ଭାଗୀରଥି ହାଇସ୍କୁଲରେ ବୃକ୍ଷରୋପଣ

କୁଚିଣ୍ଡା,୨୪ା୮(ବିରଞ୍ଚି ଦର୍ଓ୍ୱା): ବାମରାସ୍ଥିତ ଭାଗୀରଥି ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ବୃକ୍ଷ ରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କୁମୁଦିନୀ କିଷାନଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା ।ଏଥିରେ ଅବସରପ୍ରାପ୍ତ ରେଞ୍ଜର ପ୍ରଶାନ୍ତ କୁମାର ଶତପଥି ଅତିଥି ଭାବେ ଯୋଗଦେଇ ପରିବେଶ ସନ୍ତୁଳନ ରକ୍ଷା ପାଇଁ ବୃକ୍ଷ ରୋପଣର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। ରବୀନ୍ଦ୍ର ଦାସ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ସଭା ପରେ ଫୁଲମଣୀ କିଷାନ, ପଙ୍କଜିନି ସାହୁ, ସେଖସୁନା ବିବି, ସୁଜାତା ବେହେରା, ସୋହେବ ଆନସାରୀ, ପିୟୂଷ ନାଏକ, ରୋହନ ଛତ୍ରିଆ, ସ୍ୱାଗତିକା ଚୌଧୁରୀ, ଫୁଲମତି କୁଜୁର ପ୍ରମୁଖଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ବୃକ୍ଷ ପୂଜା କରି ୩୮ ଗୋଟି ଚାରା ରୋପଣ କରାଯାଇଥିଲା।

### କ୍ରୀଡ଼ା ଶିକ୍ଷକ ତାଲିମ ଶିବିର

ସମ୍ବଲପୁର,୨୪ା୬(ବି.ଶଙ୍କର): ଧନକଉଡା ବ୍ଲକସ୍ତରୀୟ କ୍ରୀଡ଼ା ଶିକ୍ଷକ ତାଲିମ ଶିବିର ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ ସଭାକକ୍ଷରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ଜୟଶ୍ରୀ ଦୋରା ମୁଖ୍ୟ ଅତିଥି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଞ୍ଜୁକ୍ତା ସାହୁ, ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁମିତା ପତ୍ରୀ, ଜିଲା ବିଜ୍ଞାନ ନିରୀକ୍ଷକ ପାର୍ଥସାରଥୀ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଶିକ୍ଷକ କ୍ଷୀରେଶ୍ୱର କର୍ଣ୍ଣ ଓ ମନୋଜ କୁମାର ବେହେରା ପ୍ରଶିକ୍ଷାର୍ଥୀଙ୍କୁ କ୍ରୀଡାର ଆବଶ୍ୟକତା ଓ ଅଭ୍ୟାସ ବିଷୟରେ ଆଲୋକପାତ କରିଥିଲେ। ଏଥିରେ ଧନକଉଡ଼ା ବ୍ଲକର ୩୮ ଓ ରେଙ୍ଗାଲି ବ୍ଲକରୁ ୧୩ ପ୍ରଶିକ୍ଷାର୍ଥୀ ପ୍ରଶିକ୍ଷଣ ନେଇଥିଲେ।

### ୨୭ରେ କୁଚିଣ୍ଡା କଲେଜର ଆଲୁମ୍ନି ପୁନର୍ଗଠନ

କୁଚିଣ୍ଡା,୨୪ା୮(ବିରଞ୍ଚି ଦର୍ଓ୍ୱା): କୁଚିଣ୍ଡା ମହାବିଦ୍ୟାଳୟର ପୁରାତନ ଛାତ୍ର ପରିଷଦ (ଆଲୁମ୍ନି) ଆସନ୍ତା ୨୭ ତାରିଖରେ ପୁନର୍ଗଠନ ହେବ। ଏ ସମ୍ପର୍କରେ ଆଲୋଚନା ପାଇଁ ଗୁରୁବାର ମହାବିଦ୍ୟାଳୟର ଯୁବ ସଂସ୍କାର କକ୍ଷ ୩ରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରାତନ ଛାତ୍ରୀଛାତ୍ର ଯୋଗଦେଇ ଆଲୋଚନା କରିବା ସହ ଏକ ନୂତନ ଆଲୁମ୍ନି ପରିଷଦ ଗଠନ ପାଇଁ ମହାବିଦ୍ୟାଳୟର ଅଧକ୍ଷା ସୁଚିତ୍ରା ମିଶ୍ର ସମସ୍ତଙ୍କୁ ଅନୁରୋଧ କରିଛନ୍ତି।

# ଅଧିକ ସଦସ୍ୟ ଯୋଡ଼ିବା ଉପରେ ଗୁରୁତ୍ୱ

## ଜିଲା ରେଡ୍‌କ୍ରସ ବୈଠକ

ସମ୍ବଲପୁର,୨୪ା୮(ଶୁଭାଶିଷ ପାଢ଼ୀ)

ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଜିଲା ରେଡ୍‌କ୍ରସର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧିକରୁ ଅଧିକ ସଦସ୍ୟ କିପରି ଯୋଡିହେବେ ସେ ଉପରେ ଗୁରୁତ୍ୱାରୋପ କରାଯାଇଛି। ଏଥିପାଇଁ ସମସ୍ତେ ଚେଷ୍ଟା କରିବାକୁ ବୈଠକରେ ଅଧକ୍ଷତା କରିଥିବା ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି ପରାମର୍ଶ ଦେଇଛନ୍ତି। ରେଡ୍‌କ୍ରସରେ ଅଧିକ ସଦସ୍ୟ ଯୋଡିଥିବା ମେମ୍ବରଙ୍କୁ ବର୍ଷ ଶେଷରେ ଉତ୍ସାହିତ ନିମନ୍ତେ ସମ୍ମାନିତ କରାଯିବ ବୋଲି ମହାନ୍ତି କହିଥିଲେ। ବିଭିନ୍ନ ବିଭାଗକୁ ରେଡ୍‌କ୍ରସ ପାଇଁ ପାଣ୍ଠି ସଂଗ୍ରହ ନିମନ୍ତେ ଦିଆଯାଇଥିବା ଲକ୍ଷ୍ୟଧାର୍ଯ୍ୟର ସମୀକ୍ଷା କରାଯାଇଥିଲା। ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରି ନ ଥିବା ବିଭାଗଗୁଡିକ ଏଥିପ୍ରତି ପଦକ୍ଷେପ ନେବାକୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହାଛଡା ବୁର୍ଲାସ୍ଥିତ ଦୀନଦୟାଲ ମାର୍କେଟ କମ୍ପ୍ଲେକ୍ସର ଉପର ମହଲା ନିର୍ମାଣ କରି ଜନସାଧାରଣଙ୍କୁ ପ୍ରଦାନ ଉପରେ ପଦକ୍ଷେପ ନେଲେ ରେଡକ୍ରସ ପାଣ୍ଠିକୁ କିଛି ଅର୍ଥ ଆସିପାରିବ ବୋଲି ରେଡକ୍ରସ ପାଟ୍ରୋନ ମେମ୍ବର ତଥା ସାମାଜିକ କର୍ମୀ ହିହାଲ ସିଂ ବୈଠକରେ ପ୍ରସ୍ତାବ ରଖିଥିଲେ। ଜିଲାରେ ଚାଲିଥିବା ଅଭିଯୋଗ ଶୁଣାଣିର ପ୍ରତ୍ୟେକ ମାସର ଶେଷ ଅଭିଯୋଗ ଶୁଣାଣିରେ ସ୍ୱାସ୍ଥ୍ୟ ବିଭାଗ ଏବଂ ରେଡକ୍ରସ ସହଯୋଗରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ ନିମନ୍ତେ ମତପ୍ରକାଶ ପାଇଥିଲା। ମହାପ୍ରୟାଣ ପାଇଁ ଡ୍ରାଇଭର ସଂଖ୍ୟା ବୃଦ୍ଧି ଇତ୍ୟାଦି ଉପରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ମହାନଗର ନିଗମ କମିଶନର ବେଦ ଭୂଷଣ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼. ପୂର୍ଣ୍ଣଚନ୍ଦ୍ର ସାହୁ, ଜିଲା ରେଡକ୍ରସର ସମ୍ପାଦକ ଜୟ ଜଜ୍, ଲାଇଫ ମେମ୍ବର, ଲାଇଫ ଆସୋସିଏଟ୍‌ଙ୍କ ସମେତ ରେଡ୍‌କ୍ରସର ସଦସ୍ୟମାନେ ଉପସ୍ଥିତ ଥିଲେ।



ବୈଠକରେ ଯୋଗଦେଇଥିବା ଅତିଥିମାନେ।

# ମହିଳା ଓ ଶିଶୁ ବିକାଶ ସଚିବ ଶୋଭା ଶର୍ମାଙ୍କ ସମୀକ୍ଷା


କାର୍ଯ୍ୟକ୍ରମରେ ସଚିବ ଶୋଭା ଶର୍ମାଙ୍କ ସମେତ ଅନ୍ୟମାନେ।

ସମ୍ବଲପୁର, ୨୪ା୮(ଶୁଭାଶିଷ ପାଢ଼ୀ)

ମହିଳା ଓ ଶିଶୁ ବିକାଶ ସଚିବ ଶୋଭା ଶର୍ମା ଗୁରୁବାର ସମ୍ବଲପୁର ଗସ୍ତରେ ଆସି ଜିଲାରେ ଚାଲୁଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଥିଲେ। ଅପରାହ୍ନରେ ସେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଶିଶୁ କଲ୍ୟାଣ ସମିତି ପରିଦର୍ଶନ କରି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସମିତି ଅଧକ୍ଷ ପ୍ରଶାନ୍ତ ପାଢୀ, ସଦସ୍ୟ ଶିବ ଶଙ୍କର ନନ୍ଦ, ଯଦୁମଣି କୁମ୍ଭାର, କବିତା ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଜିଲାରେ ଶିଶୁଙ୍କ ଯତ୍ନ ଓ ସୁରକ୍ଷା ଉପରେ କଲ୍ୟାଣ ସମିତି କିପରି କାମ କରୁଛି ଉଲ୍ଲେଖ କରିଥିଲେ। ବର୍ତ୍ତମାନ ବିଭିନ୍ନ ଶିଶୁ ଯତ୍ନ କେନ୍ଦ୍ରରେ ୨୪୧ ଶିଶୁ ରହିଛନ୍ତି ଓ ସେମାନଙ୍କୁ ସ୍ୱତନ୍ତ୍ର ଯତ୍ନ ନିଆଯାଉଛି ବୋଲି କହିଥିଲେ। ଶିଶୁ କଲ୍ୟାଣ ସମିତିର କାର୍ଯ୍ୟକ୍ରମ ଓ ଦକ୍ଷତା ଉପରେ ସଚିବ ଖୁସି ବ୍ୟକ୍ତ କରି ପ୍ରଶଂସା କରିଥିଲେ। ପ୍ରଶିକ୍ଷଣପ୍ରାପ୍ତ ପ୍ରାଶାସନିକ ଅଧିକାରୀଙ୍କ ସମେତ ଶିଶୁ ସୁରକ୍ଷା ଅଧିକାରୀ ସୁଚିସ୍ମିତା ପଟ୍ଟନାୟକ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ସଂସ୍କୃତ ଦିବସ ପାଳିତ


କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ପୁରସ୍କୃତ ଛାତ୍ରୀଛାତ୍ର।

ସମ୍ବଲପୁର,୨୪ା୮(ବି.ଶଙ୍କର)

ଧନକଉଡା ବ୍ଲକସ୍ତରୀୟ ସଂସ୍କୃତ ଦିବସ ଗୁରୁବାର ଦେହେରିପାଲିସ୍ଥିତ ବୁଢ଼ାରଜା ବାଳିକା ଉଚ୍ଚ ବିଦ୍ୟାଳୟ ସଭାକକ୍ଷରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶ୍ରୀମଦ୍ ଭଗବତ ଗୀତା ପଠନ ଓ ସଂସ୍କୃତ ସଙ୍ଗୀତ ଗାନ ପ୍ରତିଯୋଗିତା ହୋଇଥିଲା। ଏଥିରେ ୫୮ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଗୀତା ପଠନ ବରିଷ୍ଠ ବର୍ଗରେ ଆଂଶିକା ପ୍ରଧାନ, ପୂର୍ଣ୍ଣିମା ଭୋଇ, ଯସ୍ମିନ୍ ବେହେରା, କନିଷ୍ଠ ବର୍ଗରେ କାହ୍ନା ପାତ୍ର, ବବଲି ପ୍ରଧାନ, ଆକାଂକ୍ଷା ବରଦା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ସଂସ୍କୃତ ସଙ୍ଗୀତ ଗାନ ବରିଷ୍ଠ ବର୍ଗରେ ଶ୍ରୀୟା ବାଗ, ରାଜଶ୍ରୀ ବେହେରା, ଲକ୍ଷ୍ମୀ ସେଠ, କନିଷ୍ଠ ବର୍ଗରେ ସାହିଲ ବେହେରା, ସଂକଳ୍ପ ବେବର୍ତ୍ତା ଓ ରାଜନନ୍ଦିନୀ ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ଛାତ୍ରୀଛାତ୍ର ଆସନ୍ତା ସେପ୍ଟେମ୍ବର ୭ରେ ଜିଲାସ୍ତରୀୟ ସଂସ୍କୃତ ଦିବସରେ ଅଂଶଗ୍ରହଣ କରିବେ। ନିଖିଳ ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘର ଧନକଉଡ଼ା ବ୍ଲକ ସଭାପତି ପ୍ରଶାନ୍ତ କୁମାର ଦାଶଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା।

### ଗୀତା କଣ୍ଠଗାନ ଓ ସଂସ୍କୃତ ସଙ୍ଗୀତ ଗାନ ପ୍ରତିଯୋଗିତା

ପୂର୍ବତନ ଶିକ୍ଷା ମଣ୍ଡଳାଧୀଶ ଅରବିନ୍ଦ ମହାପାତ୍ର ସମ୍ମାନିତ ଅତିଥି, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମୁରଲୀଧର ବେହେରା ମୁଖ୍ୟଅତିଥି, ସଂସ୍କୃତ ଶିକ୍ଷକ ତଥା ଓଷ୍ଟାର ସମ୍ବଲପୁର ଜିଲା ସମ୍ପାଦକ ହରି ନାରାୟଣ ପଣ୍ଡା ମୁଖ୍ୟବକ୍ତା ଥିଲେ। ଶ୍ରୀଗଣେଶ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷୟିତ୍ରୀ ସୁଶ୍ରୀ ସଙ୍ଗୀତା ବେହେରା ସଭା ପରିଚାଳନା ଥିଲେ। ଜିଲା ସଂଗଠନ ସମ୍ପାଦକ ଦେବରାଜ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

### ବଞ୍ଚିତ ଖବରଦାତାଙ୍କୁ ସ୍ୱାସ୍ଥ୍ୟବୀମାରେ ସାମିଲ କରାଯାଉ

ସମ୍ବଲପୁର,୨୪ା୮(ଶୁଭାଶିଷ ପାଢ଼ୀ)

ରାଜ୍ୟ ସରକାର ଖବରଦାତାଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା ଯୋଜନା କରିଛନ୍ତି। ଏଥିରେ ଅଧିକାଂଶ ଖବରଦାତାଙ୍କୁ ଲାଭ ମିଳୁଥିବାବେଳେ କେତେଜଣ ବିଭିନ୍ନ କାରଣରୁ ବଞ୍ଚିତ ହେଉଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସୁବିଧାରେ ଅନେକ କଟକଣା ରହିଥିବାରୁ ଅଧିକାଂଶ କର୍ମଜୀବୀ ଖବରଦାତା ଏଥିରୁ ବଞ୍ଚିତ ରହୁଛନ୍ତି। କଟକଣାରେ କୋହଳ କରି ସେମାନଙ୍କୁ ଏହି ଯୋଜନାରେ ସାମିଲ କରାଯାଉ ବୋଲି ସମ୍ବଲପୁର ସାମ୍ବିଦକ ଭବନରେ ଆୟୋଜିତ ବୈଠକରେ ସକ୍ରିୟ ସାମ୍ବାଦିକ କଲ୍ୟାଣ ସଂଘ (ଜର୍ଣ୍ଣାଲିଷ୍ଟ ୱେଲଫେୟର ଆସୋସିଏଶନ) ପକ୍ଷରୁ ଦାବି ହୋଇଛି। ସଂଘ ଅଧକ୍ଷ ଶିବ ପ୍ରସାଦ ମେହେରଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ଏଥିରେ ଗୃହୀତ ନିର୍ଯ୍ୟାସ ଅନୁଯାୟୀ ଏହି ପ୍ରସଙ୍ଗରେ ପ୍ରଥମେ ଜିଲା ପ୍ରଶାସନ ଜରିଆରେ ରାଜ୍ୟ ସରକାରଙ୍କୁ ଲିଖିତ ଅବଗତ କରାଯିବ। ମୃତ୍ୟୁବରଣ କରିଥିବା ଦୁଇଜଣ ଦିବଙ୍ଗତ ବରିଷ୍ଠ ସାମ୍ବାଦିକ କୁମାର ହସନ ଓ ପ୍ରମୋଦ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏଥିରେ ସଂଘର ମହାସଚିବ ରାଜେଶ ବିଭାର, ସଭାପତି ଚନ୍ଦ୍ରଚୁଡ଼ ସିଂ, ଉପସଭାପତି ଆତ୍ମାରାମ ସୂପକାର, ସମ୍ପାଦକ ହରି ଶଙ୍କର ମିଶ୍ର, ଅନୀଲ ଶ୍ରୀରାମକା, କୋଷାଧକ୍ଷ ରାଧେଶ୍ୟାମ ପଣ୍ଡା, କାର୍ଯ୍ୟକାରିଣୀ ସଦସ୍ୟ ପ୍ରମୋଦ ବହିଦାର, ଯଶବୀର ସିଂ ଉପସ୍ଥିତ ଥିଲେ।

# ସବୁଜ ସନାତନପାଲି କୃଷକ ଉତ୍ପାଦକ କମ୍ପାନୀ ସମ୍ମାନିତ


କମ୍ପାନୀ ପକ୍ଷରୁ ନିର୍ଦ୍ଦେଶକ ସମ୍ମାନ ଗ୍ରହଣ କରୁଛନ୍ତି।

ପଡିଆବାହାଲ,୨୪ା୮
(ରାଧାମୋହନ ଷଡ଼ଙ୍ଗୀ)

ଚାଷୀମାନଙ୍କୁ ଏକତ୍ରିତ କରି ଚାଷକୁ ପ୍ରୋତ୍ସାହିତ କରିବା ସହ ଫୁଲ ଓ ପନିପରିବା ଉତ୍ପାଦନ ଏବଂ ବିକ୍ରି କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ପାଇଁ ଯୁଯୁମୁରା ବ୍ଲକ ସବୁଜ ସନାତନପାଲି କୃଷକ ଉତ୍ପାଦକ କମ୍ପାନୀକୁ ସମ୍ମାନିତ କରାଯାଇଛି। ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ତରଫରୁ କମ୍ପାନୀ ନିର୍ଦ୍ଦେଶକ ମନବୋଧ ବାରିକଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଛି। ଏ ଅବସରରେ ଚାଷୀ ଓ ଚାଷର ଉନ୍ନତି ପାଇଁ କମ୍ପାନୀ ନେଇଥିବା ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରାଯାଇଛି। ସଭାରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଉଦ୍ୟାନ କୃଷି ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ମାନ, ମର୍ଯ୍ୟାଦା ପାଇଁ ଏକାଠି ଲଢିବେ ସମିତିସଭ୍ୟ

ସମ୍ବଲପୁର,୨୪ା୮(ଶୁଭାଶିଷ ପାଢ଼ୀ)

ସମିତି ସଭ୍ୟାସଭ୍ୟ ନିର୍ବାଚିତ ପ୍ରତିନିଧି। ସେମାନଙ୍କୁ ପଞ୍ଚାୟତ ଓ ବ୍ଲକରେ ଉପଯୁକ୍ତ ସମ୍ମାନ, ମର୍ଯ୍ୟାଦା ଦିଆଯାଉ ନାହିଁ। ଉନ୍ନୟନମୂଳକ କାମରେ ମଧ ସେମାନଙ୍କୁ ଗୁରତ୍ୱ ଦିଆଯାଉ ନାହିଁ। ବିଭିନ୍ନ ଅଫିସରେ ଅଣଦେଖା କରାଯାଉଛି। ଏହା ବିରୋଧରେ ଦଳମତ ନିର୍ବିଶେଷରେ ସମସ୍ତେ ଏକାଠି ହୋଇ ଲଢେଇ କରିବାକୁ ଓଡ଼ିଶା ସଂସ୍କୃତିକ ସମାଜ ଭବନ ପରିସରରେ ଆୟୋଜିତ ଜିଲା ସମିତି ସଭ୍ୟ ସଂଗଠନ ବୈଠକରେ ମତ ପ୍ରକାଶ ପାଇଥିଲା। ନରେନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ନୂତନ କମିଟି ଗଠନ ହୋଇଥିଲା। ସଂଗଠନ ସଭାପତି ଜିତେନ୍ଦ୍ର ପ୍ରସାଦ ପଣ୍ଡା ଅଧକ୍ଷତା କରି କହିଥିଲେ, ସମିତି ସଭ୍ୟାସଭ୍ୟ ଏକାଠି ହୋଇଛନ୍ତି। ୧୨ଦଫା ଦାବି ନେଇ ରାଜ୍ୟ ସଂଗଠନ ସରକାରଙ୍କୁ ଘେରିବ। ଏହାକୁ ନେଇ ସହମତି ପ୍ରକାଶ ପାଇଥିଲା। ଏଥିରେ ଜିଲାର ଅଧିକାଂଶ ବ୍ଲକର ଅଧକ୍ଷା, ଅଧକ୍ଷଙ୍କ ସହିତ ସମିତି ସଭ୍ୟାସଭ୍ୟ ଯୋଗ ଦେଇଥିଲେ। ନୂତନ କମିଟିରେ ସଭାପତି ସଞ୍ଜିବନି ବେହେରା, ମହାସଚିବ ସଞ୍ଜୟ କୁମାର ପଣ୍ଡା, ଲିଲିମା ମହାପାତ୍ର, କୋଷାଧକ୍ଷ ଉଗ୍ରେସନ ସାହୁ, ସରୋଜ ପ୍ରଧାନ, ବଳରାମ ପ୍ରଧାନ, ବନିତା ଓରାମ, ପ୍ରଫୁଲ୍ଲ ମଗର, ହାବି ଏକ୍କା, ସୌଦାମିନି ନାୟକ, ସୁଶିଳ କୁମାର ମିର୍ଦ୍ଧା, ଜେମାଦେଇ ମାଝି, ରଶ୍ମିତା କୁସୁମ, ରଶ୍ମିନ ପଟେଲ, ସସ୍ମିତା ସାହୁ ପ୍ରମୁଖ ସଦସ୍ୟ ରହିଛନ୍ତି।

# ୧୦ ଦିନ ହେଲା ୨ ଯୁବକ ନିଖୋଜ

## ଏସ୍‌ପିଙ୍କ ଦ୍ୱାରସ୍ଥ ପରିବାର

ସମ୍ବଲପୁର,୨୪ା୮(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଜିଲା ଧମା ଥାନା ଗୁଏନପାଲି ଗ୍ରାମର ଦୁଇଜଣ ଯୁବକ ୧୦ଦିନ ହେଲା ନିଖୋଜ ଅଛନ୍ତି। ଥାନାରେ ଅଭିଯୋଗ ହୋଇଥିଲେ ମଧ ପୋଲିସ ଖୋଜିବାରେ ସହଯୋଗ କରୁ ନାହିଁ। ଶୀଘ୍ର ଯୁବକ ଦ୍ୱୟଙ୍କୁ ଖୋଜିଆଣିବା ନେଇ ପରିବାର ଗୁରୁବାର ଏସ୍‌ପି ଅଫିସ ଆସି ଦାବିପତ୍ର ପ୍ରଦାନ କରିଥିଲେ। ଅଭିଯୋଗ କ୍ରମେ ଗ୍ରାମର ହିମାଂଶୁ ସାହୁ (୨୬) ଓ ସୁବାସ ଝାଙ୍କର ନିଖୋଜ ଅଛନ୍ତି। ପ୍ରତିଦିନ ଭଳି ଅଗଷ୍ଟ ୧୪ରେ ଦୁଇଜଣ ସାଙ୍ଗ ହୋଇ ଘରୁ ବାହାରିଥିଲେ। ହେଲେ ଆଉ ଫେରି ନାହାନ୍ତି। ସବୁଆଡେ ଖୋଜିବା ପରେ ପତ୍ତା ମିଳିଲା ନାହିଁ। ତେଣୁ ଏ ଦିଗରେ ପୋଲିସ ସହଯୋଗ କରିବାକୁ ସେମାନେ ନିବେଦନ କରିଥିଲେ।

# ପାଲା ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ


ପୋଷଣ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ।

ସମ୍ବଲପୁର,୨୪ା୮(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଜିଲା ଚିପିଲିମା ଚାରପାଲି ଛକରେ ପାଲା ମାଧ୍ୟମରେ ପୋଷଣ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଧନକଉଡା ବ୍ଲକ ଆଇସିଡିଏସ୍ ଅଧୀନ କାର୍ଡୋଳା ସେକ୍ଟର ଚାରପାଲି ଛକରେ ପ୍ରଶାସନ ପକ୍ଷରୁ ଏହି କାର୍ଯ୍ୟକ୍ରମ ହୋଇଥିଲା। ପଶ୍ଚିମ ଓଡ଼ିଶାର ବିଶିଷ୍ଟ ପାଲା ଗାୟକ ରାଧେଶ୍ୟାମ ପଣ୍ଡା ଓ ତାଙ୍କର ଦଳ ପାଲା ମାଧ୍ୟମରେ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ପରିଦର୍ଶିକା ବିଲସିନୀ ନନ୍ଦଙ୍କ ସହ କାର୍ଡୋଳା ସେକ୍ଟରର ସମସ୍ତ ଅଙ୍ଗନୱାଡି କର୍ମୀ, ସହାୟିକା, ଏଏନ୍‌ଏମ୍ ଉପସ୍ଥିତ ଥିଲେ।

## ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

ସମ୍ବଲପୁର,୨୪ା୮(ଶୁଭାଶିଷ ପାଢ଼ୀ)

ସସମ୍ବଲପୁର-ରାଉରକେଲା ବିଜୁ ଏକ୍ସପ୍ରେସ ୱେ ଠେଲକଲୋଇ ଥାନା ଅନ୍ତର୍ଗତ ଲପଙ୍ଗାଠାରେ ଅଜଣା ଗାଡି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସୂଚନାଯୋଗ୍ୟ, ଜେଏସ୍‌ଡବ୍ଲ୍ୟୁ ଭୂଷଣ କମ୍ପାନୀର କର୍ମଚାରୀ ଓମ୍ ପ୍ରକାଶ ଚୋରାଶିଆ ଏକ ବାଇକ୍‌ରେ ସମ୍ବଲପୁର ପଟକୁ ଯାଉଥିବା ବେଳେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଡାକ୍ତରଖାନା ପଠାଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଟିପିଡବ୍ଲ୍ୟୁଓଡିଏଲ୍ କାର୍ଯ୍ୟାଳୟରେ ସମୀକ୍ଷା ବୈଠକ

## ଯୋଗଦେଲେ ଶକ୍ତି ବିଭାଗ ପରାମର୍ଶଦାତା

ସମ୍ବଲପୁର,୨୪ା୮(ବି.ଶଙ୍କର)

ବୁର୍ଲାସ୍ଥିତ ଟିପିଡବ୍ଲ୍ୟୁଓଡିଏଲ୍ ମୁଖ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ସରକାରଙ୍କ ଶକ୍ତି ବିଭାଗର ପରାମର୍ଶଦାତା ଦୀପ୍ତିମାନ ବଳ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଟିପିଡବ୍ଲ୍ୟୁଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗଜାନନ କାଲେଙ୍କ ସମେତ କମ୍ପାନୀର ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ଉନ୍ନୟନ କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ବିଜୁ ଗ୍ରାମୀଣ ବିଦ୍ୟୁତ ଯୋଜନାର ଅଗ୍ରଗତି ନେଇ ଗୁରୁତ୍ୱାରୋପ କରିଥିଲେ। ଏଥିସହ ନିର୍ମାଣାଧୀନ ଗ୍ରୀଡ ସବଷ୍ଟେଶନର କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ସେ ବରଗଡ ଜିଲାର ଲରମ୍ଭା, ନୂଆପାଲି, ହୀରାପାଲି, ତେତେଲକିରା ସବ୍‌ଷ୍ଟେଶନ, ସୋନପୁର ଜିଲାର ଜାନମୁରା, ବଲାଙ୍ଗୀର ଜିଲାର ବିଲେଇସର୍ଡା, କୁଟାସିଂହା, ଚନ୍ଦନଭାଟି ଏବଂ ଦେବଗଡ ଜିଲାର ଖଇରପାଲି ସବଷ୍ଟେଶନ କାର୍ଯ୍ୟର ସମୀକ୍ଷା କରିଛନ୍ତି।


ସମୀକ୍ଷା ବୈଠକରେ ଶକ୍ତି ବିଭାଗ ପରାମର୍ଶଦାତାଙ୍କ ସହ ଅଧିକାରୀମାନେ।

# ୨୪ଦିନ ପରେ ବି ମରାମତି ହେଲାନି ରାସ୍ତା

## ଲଘୁଚାପଜନିତ ବର୍ଷାରେ ଧୋଇ ଯାଇଥିଲା

ନାକଟିଦେଉଳ,୨୪ା୮
(ବୈକୁଣ୍ଠ ନାଥ ସାହୁ)

ଗତ ୧ ତାରିଖରେ ହୋଇଥିବା ଲଘୁଚାପ ଜନିତ ଲଗାଣ ବର୍ଷାରେ ନାକଟିଦେଉଳ ବ୍ଲକ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ଏହି ବର୍ଷାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ବିଭିନ୍ନ ରାସ୍ତା ଧୋଇଯାଇଛି। ରେଢ଼ାଖୋଲ-ନାକଟିଦେଉଳ ରାସ୍ତାର ଶରଧାପୁର ଛକଠାରୁ ଶିମିଳିପାଳ ଗ୍ରାମ ଦେଇ ଯାଇଥିବା ରାସ୍ତାର ଗାଁ ମୁଣ୍ଡ ଶିମିଳି ନାଳଠାରେ ନିର୍ମିତ ପୋଲର ଉଭୟ ପଟ ରାସ୍ତା ଧୋଇ ହୋଇଯାଇଛି। ଇତିମଧ୍ୟରେ ୨୪ ଦିନ ବିତିଯାଇଥିଲେ ମଧ ବିଭାଗ ପକ୍ଷରୁ ଏହାର ମରାମତି କରାଯାଇ ପାରି ନାହିଁ । ଫଳରେ ଏହି ପୋଲ ଉପରେ ବର୍ତ୍ତମାନ ଦୁଇଚକିଆ ଛଡା ଚାରିଚକିଆ ଯାନ ଯାତାୟାତ ସମ୍ଭବପର ହୋଇପାରୁନାହିଁ। ଜରୁରୀ ସମୟରେ ଶିମିଳିପାଳ, ଶରଧାପୁର, ଶିହିଳିଆ ଆଦି ଗ୍ରାମକୁ ଆମ୍ବୁଲାନ୍ସ ଯାଇପାରୁ ନ ଥିବାରୁ ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ସୋନୁ କୁମାର ନାଏକଙ୍କୁ ପଚାରିବାରୁ ସେ କହିଥିଲେ, ଗତ ଲଗାଣ ବର୍ଷାରେ ରାସ୍ତା ଧୋଇଯିବା ପରଦିନ ଖବର ପାଇ ଘଟଣାସ୍ଥଳକୁ ଯାଇଥିଲି। ମରାମତି ପାଇଁ ପଦକ୍ଷେପ ନେବା ସମୟରେ ତଳମୁଣ୍ଡରେ ଥିବା ଚାଷୀଙ୍କ ଧାନ କ୍ଷେତରେ ବାଲି ଚରି ଯାଇଥିବାରୁ ସେମାନେ ପ୍ରଥମେ କ୍ଷତିପୂରଣ ଦାବି କରିଥିଲେ। ଏହାକୁ ନେଇ ସମସ୍ୟା ଦେଖାଦେବାରୁ ରାସ୍ତା ମରାମତିରେ ବିଳମ୍ବ ହେଉଥିବା ପ୍ରକାଶ କରିଥିଲେ।


ଧୋଇଯାଇଥିବା ରାସ୍ତା।

